SHREE JAGANNATHA
TEMPLE ADMINISTRATION
Puri, Odisha

# ଶ୍ରୀମନ୍ଦିର ସମାଚାର

SHREE JAGANNATH TEMPLE BULLETIN

ଅକ୍ଟୋବର - ୨୦୨୩ OCTOBER-2023

## ଶ୍ରୀବିଗ୍ରହଙ୍କ ଦର୍ଶନ ସମୟରେ ଶାଳୀନତାପୂର୍ଣ୍ଣ ପୋଷାକ ପରିଧାନ

ଭାରତର ବିଭିନ୍ନ ମନ୍ଦିରରେ ଏକ ସମୃଦ୍ଧ ଧାର୍ମିକ ପବିତ୍ରତା ଓ ବାତାବରଣ ସୃଷ୍ଟି ଉଦ୍ଦେଶ୍ୟରେ ଭକ୍ତମାନଙ୍କ ନିମନ୍ତେ ପୋଷାକ ପରିଧାନ ନିୟମାବଳୀ ପ୍ରଚଳିତ ଥିବା ଦେଖାଯାଏ । ଦୀର୍ଘ ବର୍ଷ ହେଲା ବୁଦ୍ଧିଜୀବୀ, ଗବେଷକ, ସେବକ ଓ ଭକ୍ତମାନେ ଶ୍ରୀମନ୍ଦିରରେ ଏକ ପୋଷାକ ପରିଧାନ ନିୟମାବଳୀ ପ୍ରଚଳନ ନିମନ୍ତେ ଦାବି କରିଆସୁଅଛନ୍ତି । ଏହାକୁ ଦୃଷ୍ଟିରେ ରଖି ଗତ ତା. ୯.୧୦.୨୩ ରେ ଅନୁଷ୍ଠିତ 'ନୀତି ସବ୍-କମିଟି' ବୈଠକରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଅନୁମୋଦନ କରାଯାଇଅଛି ଯେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ନିମନ୍ତେ ଆସୁଥିବା ଭକ୍ତଗଣ ଶାଳୀନତା ପୂର୍ଣ୍ଣ ପୋଷାକ ପରିଧାନ କରି ଆସିବା ବାଞ୍ଛନୀୟ । ଏଥି ନିମନ୍ତେ ନିର୍ଦ୍ଦିଷ୍ଟ କୌଣସି ପୋଷାକ ତାଲିକା ଧାର୍ଯ୍ୟ କରାଯାଇ ନଥିଲେ ମଧ୍ୟ ପୁରୁଷମାନେ ପ୍ୟାଣ୍ଟ-ସାର୍ଟ, ଚୁଡ଼ିଦାର-ପଞ୍ଜାବୀ, ଧୋତି ଆଦି ପାରମ୍ପରିକ ପୋଷାକ ପିନ୍ଧିପାରିବେ ଏବଂ ମହିଳାମାନେ ଶାଢ଼ୀ, ସାଲୱାର-କମିଜ ପରି ଶାଳୀନତା ପୂର୍ଣ୍ଣ ପୋଷାକ ପରିଧାନ କରିବେ, ଯାହା ଏକ ଭକ୍ତିପୂର୍ଣ୍ଣ ପରିବେଶ ସୃଷ୍ଟି କରିବା ସହ ଆଧ୍ୟାତ୍ମିକ ସମର୍ପଣର ମନୋଭାବ ସଞ୍ଚରଣ କରିବ । ଏନେଇ ଭକ୍ତଙ୍କୁ ସଚେତନ କରିବା ପାଇଁ ସମସ୍ତ ସେବାୟତ ନିଯୋଗ, ହୋଟେଲ୍ ମାଲିକ ସଂଘ ସହିତ ବିଭିନ୍ନ ବର୍ଗଙ୍କୁ ପତ୍ର ଲେଖି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଶ୍ରୀଯୁକ୍ତ ରଂଜନ କୁମାର ଦାସ ଆହ୍ୱାନ ଦେଇଅଛନ୍ତି । ଶ୍ରୀଯୁକ୍ତ ଦାସ ଜଣାଇଛନ୍ତି ଯେ, ହାପ୍ ପ୍ୟାଣ୍ଟ, ଚିରାଫଟା ଜିନ୍ସ ଏବଂ ଅନାବଶ୍ୟକ ଶରୀର ପ୍ରଦର୍ଶନ କରୁଥିବା ପୋଷାକ ଓ ଧାର୍ମିକ ଭାବନାକୁ କୁଠାରଘାତ କରୁଥିବା କୌଣସି ବି ପୋଷାକ ବର୍ଜନୀୟ । ବର୍ତ୍ତମାନ ପାଇଁ ପ୍ରତ୍ୟେକ ସ୍ତରରେ ସଚେତନତା ସୃଷ୍ଟି ପାଇଁ ପ୍ରୟାସ କରାଯିବା ସହ ଆସନ୍ତା ନବ ବର୍ଷ ଠାରୁ ଏହାକୁ କଡ଼ାକଡ଼ି ଭାବେ ଲାଗୁ କରାଯିବା ପାଇଁ ପଦକ୍ଷେପ ନିଆଯାଇପାରେ ।



ଶ୍ରୀମନ୍ଦିର ଆମ ସଂସ୍କୃତିର ପ୍ରାଣକେନ୍ଦ୍ର, ଏହାର ମର୍ଯ୍ୟାଦା ରକ୍ଷା ଆମ୍ଭ ସମସ୍ତଙ୍କର ନୈତିକ ଦାୟିତ୍ୱ ଓ ପୋଷାକ ପରିଧାନ ପରିପାଟୀ ବିଧିର ଉପଯୁକ୍ତ ଅନୁଶୀଳନ ନିମନ୍ତେ ସମସ୍ତେ ଆଗଭର ହେବା ସହ ଆତ୍ମଚିନ୍ତନ କରିବା ସକାଶେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଶ୍ରୀଯୁକ୍ତ ଦାସ ଭକ୍ତ-ସମାଜକୁ ନିବେଦନ କରିଅଛନ୍ତି । ●

## ଶ୍ରୀମନ୍ଦିରରେ କାର୍ତ୍ତିକ ମାସର ମାହାତ୍ମ୍ୟ

ଚଳିତ ବର୍ଷ ଶ୍ରୀମନ୍ଦିରରେ କାର୍ତ୍ତିକ ମାସ (ବାଳଧୂପ) ଆରମ୍ଭ ତା. ୨୫.୧୦.୨୩ ଓ କାର୍ତ୍ତିକ ବ୍ରତ ସମାପନ ତା. ୨୭.୧୧.୨୩ ସୋମବାର ପାଳିତ ହେଉଅଛି । ଉପରୋକ୍ତ ପରିପ୍ରେକ୍ଷୀରେ ଶ୍ରୀମନ୍ଦିରରେ ଶୃଙ୍ଖଳା ରକ୍ଷା ତଥା ଭକ୍ତମାନଙ୍କର ସୁବିଧା ନିମନ୍ତେ ଶ୍ରୀମନ୍ଦିର ପ୍ରଶାସନ ପ୍ରତିଶ୍ରୁତିବଦ୍ଧ ।

ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପର୍ବପର୍ବାଣିରେ ମହାକାର୍ତ୍ତିକ ମାସର ଭୂମିକା ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ ଅଟେ । ବର୍ଷକ ବାର ମାସ ମଧ୍ୟରୁ କାର୍ତ୍ତିକ ମାସ 'ଧର୍ମ ମାସ' ଭାବେ ଅବିହିତ । ଶ୍ରୀଜଗନ୍ନାଥଙ୍କ ପ୍ରଧାନ ଦ୍ୱାଦଶ ଯାତ୍ରା ମଧ୍ୟରୁ ଅନ୍ୟତମ ଉତ୍ଥାପନ ଯାତ୍ରା ଯାହାକି କାର୍ତ୍ତିକ ମାସ ଶୁକ୍ଳ ଏକାଦଶୀରେ ସମାହିତ ହୋଇଥାଏ । ଶ୍ରୀଜଗନ୍ନାଥ (ହରି) ଆଷାଢ଼ ଶୁକ୍ଳ ଏକାଦଶୀ ଦିନ ଠାରୁ ଚାରି ମାସ ଶୟନ କରି କାର୍ତ୍ତିକ ଶୁକ୍ଳ ଏକାଦଶୀ ଦିନ ଉତ୍ଥାପନ କରିଥାଆନ୍ତି । କାର୍ତ୍ତିକ ମାସରେ ଶ୍ରୀକ୍ଷେତ୍ରରେ ଶ୍ରୀଜଗନ୍ନାଥଙ୍କର ବ୍ରତ ପାଳନ କରାଯାଇଥାଏ । ପାପ ସମୁଦ୍ରରୁ ଉତ୍ତୀର୍ଣ୍ଣ ହେବା ନିମିତ୍ତ ଏହି ବ୍ରତ ସଂକଳ୍ପ କରି ବ୍ରତୀ ଦେବଦେବ ଶ୍ରୀଜଗନ୍ନାଥଙ୍କୁ ପ୍ରାର୍ଥନା କରିଥାଏ । ପୂର୍ବେ ଶ୍ରୀଜଗନ୍ନାଥଙ୍କ ଆଦେଶରେ ଶିବ ଏହା ଅନୁଷ୍ଠାନ କରିଥିଲେ ତଥା ଶିବଙ୍କ ଆଦେଶ ଅନୁସାରେ ସ୍ୱୟମ୍ଭୁବ ମନୁ ଓ ଅଗସ୍ତି ମୁନି ଏହି ବ୍ରତ ଆଚରଣ କରିଥିବା ଶିବ ସ୍କନ୍ଦଙ୍କୁ କହିଛନ୍ତି । ଏହା ସ୍କନ୍ଦ ପୁରାଣରେ ଉଲ୍ଲେଖ ରହିଛି । ଏହି ବ୍ରତକୁ ଏକଧାରାରେ ବୈଷ୍ଣବ ତଥା ବୈଦିକ ବ୍ରତ ବୋଲି କୁହାଯାଇପାରେ । ଉକ୍ତ ବ୍ରତକୁ ବ୍ରତୀ ପାଞ୍ଚ ପ୍ରକାର ବିଧି ଆଚରଣ ପୂର୍ବକ ପାଳନ କରିଥାଏ । ୧- କର୍ମକାଣ୍ଡୀ ବିଧି ଆଚରଣ ଯଥା- ଆହୁତି ପ୍ରଦାନ, ଅଗ୍ନିପୂଜା, ଜପ ଇତ୍ୟାଦି । ୨- ଦୈହିକ ଶୁଦ୍ଧ ବିଧି ଆଚରଣ ଯଥା- ସାତ୍ତ୍ୱିକ ଆହାର ଗ୍ରହଣ, ତ୍ରିସନ୍ଧ୍ୟା ସ୍ନାନାଦି । ୩- ମାନସିକ ବିଧି ଆଚରଣ ଯଥା- ଦାନ, ମିଥ୍ୟା ଓ ଅନ୍ୟର ଅନିଷ୍ଟ ଚିନ୍ତା ତ୍ୟାଗାଦି । ୪- ଜ୍ଞାନ ମାର୍ଗିକ ବିଧି ଆଚରଣ ଯଥା- ଦେବସାର ପୁରୁଷସୁକ୍ତ, ଆଗ୍ନେୟ ଓ ବୈଷ୍ଣବ ସୂକ୍ତ, ଉପନିଷଦ, ଗୀତା, ବିଷ୍ଣୁ ସହସ୍ର ନାମ ପାଠାଦି । ୫- ଭକ୍ତି ବିଧି ଆଚରଣ ଯଥା- ଅର୍ଚ୍ଚନ, ବନ୍ଦନ, ସ୍ତୁତି, କୀର୍ତ୍ତନ ଇତ୍ୟାଦି । ବ୍ରତୀ ବ୍ରାହ୍ମଣ ଓ ବୈଷ୍ଣବମାନଙ୍କ ପ୍ରତି ବିଶେଷ ଭକ୍ତି କରିବେ । ଏହି ବ୍ରତ ପାଳନ ବିଧି ଦ୍ୱାରା ଶ୍ରୀଜଗନ୍ନାଥ ସଂସ୍କୃତିରେ ବ୍ରାହ୍ମଣ୍ୟ ଧର୍ମ ତଥା ବୈଷ୍ଣବ ଧର୍ମର ସମନ୍ୱୟ ସ୍ଥାପନ କରାଯାଇଛି । ଏହା ବ୍ୟତୀତ ଆଷାଢ଼ ମାସ ଠାରୁ ଆରମ୍ଭ ହୋଇଥିବା 'ଚତୁର୍ମାସ୍ୟା ବ୍ରତ' ଏହି କାର୍ତ୍ତିକରେ ଉଦ୍‌ଯାପନ ହୋଇଥାଏ । ପୁନଶ୍ଚ କୌଣସି ମନୁଷ୍ୟ ଯଦି କାର୍ତ୍ତିକ ବ୍ରତ ଗ୍ରହଣ ନିମିତ୍ତ ଅସମର୍ଥ, ତେବେ ଶ୍ରୀଜଗନ୍ନାଥଙ୍କ ପ୍ରୀତ୍ୟର୍ଥେ କାର୍ତ୍ତିକ ଶୁକ୍ଳ ଏକାଦଶୀ ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ବକପଞ୍ଚକ ବନ୍ୟବୃତ୍ତି ଅବଲମ୍ବନ କରିବା ବିଧେୟ । ଏହି କାର୍ତ୍ତିକ ମାସରେ ଶ୍ରୀଜଗନ୍ନାଥଙ୍କ ବିଭିନ୍ନ ବେଶ ହୋଇଥାଏ । ଆଶ୍ୱିନ ଶୁକ୍ଳ ଏକାଦଶୀ ଠାରୁ କାର୍ତ୍ତିକ ଶୁକ୍ଳ ଦଶମୀ ପର୍ଯ୍ୟନ୍ତ ରାଧାଦାମୋଦର ବେଶ, କାର୍ତ୍ତିକ ଅମାବାସ୍ୟା ଠାରୁ ଶୁକ୍ଳ ଦଶମୀ ମଧ୍ୟରେ ସୋମବାରରେ- ହରିହର ବେଶ ଏବଂ କାର୍ତ୍ତିକ ଶୁକ୍ଳ ଏକାଦଶୀ ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଯଥାକ୍ରମେ- ଲକ୍ଷ୍ମୀନାରାୟଣ, ବାଙ୍କଚୂଡ଼, ତ୍ରିବିକ୍ରମ, ଲକ୍ଷ୍ମୀନୃସିଂହ ଏବଂ ରାଜବେଶ ହୋଇଥାଆନ୍ତି । ବାମଦେବ ସଂହିତା ଅନୁଯାୟୀ ଏକ ଅତୀତ ଘଟଣାର ସ୍ମାରକୀ ସ୍ୱରୂପ ରାଧାଦାମୋଦର ବେଶ ଓ ସ୍ୱତନ୍ତ୍ର ଭୋଗ ପ୍ରଚଳନ ହୋଇଥିଲା, ଯାହା ବାଳଭୋଗ ନାମରେ ଅବିହିତ ହୋଇଥାଏ । ସେହିପରି ରାଧାଦାମୋଦର ବେଶ ହେଉଛି, ଶ୍ରୀଜଗନ୍ନାଥ ରାଧା ଓ କୃଷ୍ଣ ବା ପ୍ରକୃତି ପୁରୁଷର ମିଳିତ ତନୁ ଅଟନ୍ତି ବୋଲି ଭକ୍ତକବି ଜଗନ୍ନାଥ ଦାସ ସ୍ୱରଚିତ 'ନୀଳାଦ୍ରି ବିଳାସ' ନାମକ ସଂସ୍କୃତ ଗ୍ରନ୍ଥରେ ଅବତାରଣା କରିଅଛନ୍ତି । ଏହି ପୁଣ୍ୟ କାର୍ତ୍ତିକ ମାସର ଶୁକ୍ଳ ଦ୍ୱାଦଶୀରେ ଗରୁଡ଼ ଉତ୍ଥାପନ ନୀତି ଶ୍ରୀମନ୍ଦିରରେ ଅନୁଷ୍ଠିତ ହୋଇଥାଏ । କାର୍ତ୍ତିକ ପୂର୍ଣ୍ଣିମାରେ ଶ୍ରୀଜଗନ୍ନାଥଙ୍କ ଚତୁର୍ଥାର୍ଚ୍ଚନ ପରେ ଦୀପଦାନ କରାଯାଇ ବନ୍ଦାପନା କରାଯାଇଥାଏ । ଯେଉଁ ବ୍ୟକ୍ତି ଏହି ଦୀପଦାନ ବନ୍ଦାପନା ଦର୍ଶନ କରନ୍ତି, ସେ ଶ୍ରୀକ୍ଷେତ୍ରବାସ ଫଳପ୍ରାପ୍ତ ହୋଇ ଅନ୍ତକାଳରେ ବିଷ୍ଣୁଲୋକକୁ ଗମନ କରିଥାଆନ୍ତି ବୋଲି ବାମଦେବ ସଂହିତାରୁ ଜଣାଯାଏ ।



● *(ଉକ୍ତ ଆଲେଖ୍ୟଟି ୨୦୧୮, ନଭେମ୍ବରରେ ପ୍ରକାଶିତ 'ଶ୍ରୀମନ୍ଦିର ସମାଚାର'ରୁ ସଂଗୃହୀତ ।)*

# ଶ୍ରୀମନ୍ଦିର ନୀତି ପରିକ୍ରମା

## ଶ୍ରୀମନ୍ଦିରରେ ଗର୍ଭଣା ସଂକ୍ରାନ୍ତି :

ତା ୧୮.୧୦.୨୩ ରିଖ ବୁଧବାର ଗର୍ଭଣା ସଂକ୍ରାନ୍ତି ଅବସରରେ ଶ୍ରୀମନ୍ଦିରରେ ବିଶେଷ ନୀତିମାନ ସଂପାଦନ ହୋଇଛି । ଏହି ଦିନ ଯଥାରୀତି ପ୍ରକାରେ ସକାଳ ଧୂପ, ଭୋଗମଣ୍ଡପ ସରିଲା ପରେ ତିନି ବାଡରେ ମୈଲମ ହୋଇ, ପୂଜା ଠା' ହେବା ପରେ ମହାସ୍ନାନ ନୀତି ଅନୁଷ୍ଠିତ ହୋଇଥିଲା । ଏହାପରେ ଘଟୁଆରୀ ଘରୁ ରୂପା ପିଙ୍ଗଣ ମଧ୍ୟରେ ଚନ୍ଦନ ରଖାଯାଇ ପାଟବସ୍ତ୍ର ଆବୃତ୍ତି ପୂର୍ବକ ପୂଜାପଣ୍ଡା, ପତିମହାପାତ୍ର ଏବଂ ମୁଦିରସ୍ତଙ୍କ ଦ୍ୱାରା ଘଣ୍ଟ, ଛତା, କାହାଳୀ ପଟୁଆରରେ ରତ୍ନ ସିଂହାସନକୁ ଚନ୍ଦନ ବିଜେ ହୋଇ ତିନି ବାଡରେ ସର୍ବାଙ୍ଗ ନୀତି ହୋଇଥିଲା । ଏହାପରେ ବେଶ ହୋଇ ୬ ମୂର୍ତ୍ତି ଅଳଙ୍କାର ଲାଗି ହୋଇ ପାଣିପଡ଼ି ମଧ୍ୟାହ୍ନ ଧୂପ ଡାକି ଯାଇଥିଲା । ମଧ୍ୟାହ୍ନ ଧୂପ ଉଠିଲା ପରେ ମହାପ୍ରଭୁଙ୍କ ବାଡରେ ମୁଦିରସ୍ତଙ୍କ ଦ୍ୱାରା ପ୍ରସାଦଲାଗି ବଢ଼ିଥିଲା ଏବଂ ତିନିଜଣ ପାଳିଆ ପୂଜାପଣ୍ଡାଙ୍କ ଦ୍ୱାରା ଭୋଗ ପୂଜା ବସିଥିଲା । ଟେରା ପଡିବା ପରେ ମହାପ୍ରଭୁଙ୍କ ବାଡର ପୂଜାପଣ୍ଡା ବାହାରକୁ ଆସିବା ସହିତ ରୋଷ ପାଇକ ରୋଷ ଭିତରେ ଅଲଗା ଭାବେ ରଖିଥିବା ଏକ ଓଳି ଓରିଆ ଅନ୍ନ (ଶଙ୍ଖୁଡ଼ି) ନେଇ ଶ୍ରୀମନ୍ଦିରରେ ୮ ଗୋଟି ସ୍ଥାନରେ ବାଢ଼ିଥିଲେ । ଏହାକୁ ପୂଜାପଣ୍ଡା ମଣୋହୀ କରାଇଥିଲେ । ଏହାକୁ 'ବଳି' କୁହାଯାଏ । ଏହାପରେ ଭିତରକୁ ପୂଜାପଣ୍ଡା ଯାଇ ମଧ୍ୟାହ୍ନ ଧୂପ ଶେଷ କରିଥିଲେ । ଭୋଗ ସରି ପ୍ରସାଦ ବାହାରିଲା ପରେ ପାଣି ପଡିଥିଲା ଏବଂ ଗର୍ଭଣା ସଂକ୍ରାନ୍ତି ସଂପୃକ୍ତ ବିଶେଷ ନୀତିର ଆଉ ଏକ ଅଙ୍ଗ ଯଥା 'ବନ୍ଦାପନା' ନୀତି ପୂଜାପଣ୍ଡା ପତିମହାପାତ୍ର ଓ ମୁଦିରସ୍ତଙ୍କ ଦ୍ୱାରା ସମାପନ ହୋଇ ଅନ୍ୟାନ୍ୟ ନୀତିମାନ ଅନୁଷ୍ଠିତ ହୋଇଥିଲା ।

## ଶ୍ରୀମନ୍ଦିରରେ ଦଶହରା :

ତା ୨୪.୧୦.୨୩ ରିଖ ମଙ୍ଗଳବାର ଆଶ୍ୱିନ ଶୁକ୍ଳ ଦଶମୀ ତିଥି ତଥା ପବିତ୍ର ଦଶହରା ଉପଲକ୍ଷେ ମଙ୍ଗଳଆଳତି, ଅବକାଶ ବଢ଼ିଲା ପରେ ଚନ୍ଦନ ଲାଗି ହୋଇଥିଲା । ପରେ ନୂଆ ଲୁଗା ଲାଗି ସହିତ ୩୨ ମୂର୍ତ୍ତି ଅଳଙ୍କାର ଲାଗି ହୋଇ ବେଶ ବଢ଼ିଥିଲା । କର୍ପୂର ଲାଗି ପରେ ପାଳିଆ ପୁଷ୍ପାଳକମାନେ ୫ଖଣ୍ଡ ଆଜ୍ଞାମାଳ ଲାଗି କରି ସିଂହାସନରୁ ଓହ୍ଲାଇଥିଲେ । ପାଣି ପଡି ଗୋପାଳବଲ୍ଲଭ, ସକାଳ ଧୂପ ସରିଲା ପରେ ଭଣ୍ଡାର ଦୁଆର ଠାରେ ପୂଜାରେ ବସିଥିବା ଆୟୁଧମାନଙ୍କୁ ପୂଜାପଣ୍ଡା ମହାସ୍ନାନ କରାଇ ବରୁଣ ପୂଜା କରିଥିଲେ । ପରେ ୬ଜଣ ମେକାପ ରୂପା ଥାଳିରେ ଆୟୁଧମାନ ରଖି ଘଣ୍ଟ, ଛତା, କାହାଳୀ ପଟୁଆରରେ ତଳିଚ୍ଛ ଓ ପ୍ରଧାନୀ ହାତମୁଦ ମଧ୍ୟରେ ୩ ବେଢ଼ା ବୁଲି ଭିତର ସିଂହାସନ ଠାକୁ ବିଜେ କରାଇଥିଲେ । ପରେ ପାଳିଆ ପୁଷ୍ପାଳକମାନେ ତିନି ବାଡରେ 'ଆୟୁଧ' ଲାଗି କରିଥିଲେ । ବଡ ବାଡରେ ହଳମୂଷଳ, ମଝି ବାଡରେ ତଡ଼ଗୀ, ମହାପ୍ରଭୁଙ୍କ ବାଡରେ ଶଙ୍ଖଚକ୍ର ଲାଗି ହୋଇଥିଲେ । ଏହା ମଧ୍ୟରେ ଦକ୍ଷିଣ ଘର ଠାରେ ମଦନମୋହନ, ରାମକୃଷ୍ଣ ବୀର ବେଶ ହୋଇଥିଲେ । ପରେ ଭିତରକୁ ମଦନମୋହନ, ରାମକୃଷ୍ଣ, ଦୁର୍ଗାମାଧବ ବିଜେ କରିଥିଲେ । ଏହାପରେ ପୂଜାପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତ ତିନି ବାଡରେ ମଙ୍ଗଳାର୍ପଣ କରିବା ପରେ ପୂଜାପଣ୍ଡା ଆଜ୍ଞାମାଳ ଦେଇଥିଲେ । ଏହାପରେ ପାଲିଙ୍କିକୁ ରାମକୃଷ୍ଣ, ରଥକୁ ଦୁର୍ଗାମାଧବ ଏବଂ ବିମାନକୁ ମଦନମୋହନ ବିଜେ ହୋଇଥିଲେ । ସେଠାରୁ ବିରାଟ ପଟୁଆରରେ ପାଲିଙ୍କି, ରଥ, ବିମାନ ମହାଖଳାପଦା ଅଭିମୁଖେ (ଜଗନ୍ନାଥବଲ୍ଲଭ ମଠ) ଯାତ୍ରା କରିଥିଲେ । ମହାଖଳାପଦା ଠାରେ ମୁଦିରସ୍ତ ପ୍ରସାଦ ଲାଗି କଲା ପରେ ପୂଜାପଣ୍ଡା ଶୀତଳଭୋଗ, ବନ୍ଦାପନା କରିଥିଲେ ଓ ଏହାପରେ ଦିଅଁମାନେ ବାହୁଡା ବିଜେ କରିଥିଲେ ।

## ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ରାଧାଦାମୋଦର ବେଶ ଏବଂ ବାଳଧୂପ ଆରମ୍ଭ :

ତା ୨୫.୧୦.୨୩ ରିଖ ବୁଧବାର ଆଶ୍ୱିନ ଶୁକ୍ଳ ଏକାଦଶୀ ଅବସରରେ ମଙ୍ଗଳଆଳତି, ଅବକାଶ ବଢ଼ିଲା ପରେ 'ରାଧା ଦାମୋଦର ବେଶ' ଅନୁଷ୍ଠିତ ହୋଇଥିଲା । ପରେ ପାଣିପଡି ଗୋପାଳବଲ୍ଲଭ, ସକାଳଧୂପ ହୋଇଥିଲା । ସକାଳଧୂପ ପ୍ରସାଦ ବାହାରିଲା ପରେ ପାଣିପଡି ବାଳଧୂପ



ଛେକ ଆସିଥିଲା । ପାଳିଆ ପୂଜାପଣ୍ଡାମାନେ ପଞ୍ଚୋପଚାରରେ 'ବାଳଧୂପ ପୂଜା' କରିଥିଲେ । ଭୋଗ ସରିଲା ପରେ ପୂଜାପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତ ବନ୍ଦାପନା କରିଥିଲେ ।

## ଶ୍ରୀମନ୍ଦିରରେ କୁମାର ପୂର୍ଣ୍ଣିମା ଓ ଶ୍ରୀସୁଦର୍ଶନ ଦେବଙ୍କ ଆଶ୍ରମ ବିଜେ :

ତା ୨୮.୧୦.୨୩ ରିଖ ଶନିବାର ଆଶ୍ୱିନ ପୂର୍ଣ୍ଣମୀ ଅବସରରେ ପୂର୍ବ ପରମ୍ପରା ପ୍ରକାରେ ଶ୍ରୀମନ୍ଦିରରେ ବିଶେଷ ନୀତିମାନ ଅନୁଷ୍ଠିତ ହୋଇଥିଲା । ଉକ୍ତ ଦିନ ମଧ୍ୟାହ୍ନ ଧୂପ ସରିଲା ପରେ ଲକ୍ଷ୍ମୀ, ସରସ୍ୱତୀ ଖଟଶେଯ ଘରକୁ ବିଜେ ପରେ ଶ୍ରୀସୁଦର୍ଶନ ଦେବ ଆଜ୍ଞାମାଳ ପାଇ ଦଇତାପତିମାନଙ୍କ ଦ୍ୱାରା ଚଉଦୋଳକୁ ବିଜେ ହୋଇଥିଲେ । ସେଠାରେ ପାଟପତନୀ ଲାଗି, ମାଳଚୂଳ ଲାଗି ପରେ ଚଉଦୋଳରେ ଘଣ୍ଟ, ଛତା, କାହାଳୀ ପଟୁଆରରେ ବଡଦାଣ୍ଡ ବାଟେ ରାଜାନଅର ଦେଇ ତିନି ଆଶ୍ରମ ପରିକ୍ରମା କରି ପଶ୍ଚିମ ଦ୍ୱାର ନିକଟରେ ବିଜେ ହୋଇଥିଲେ । ସେଠାରେ ବନ୍ଦାପନା ହୋଇ ଭିତର ଜଗମୋହନକୁ ଆସିଲାପରେ ରୁନ୍ଧା ଫିଟା ଯାଇ ସିଂହାସନକୁ ବିଜେ କରାଯାଇଥିଲା । ପରେ ପାଣିପଡି ୪ ବାଡ ମହାସ୍ନାନ ମୈଲମ ବଢ଼ିଲା ପରେ ସର୍ବାଙ୍ଗ, ନୂଆଲୁଗା ଲାଗି ହୋଇ ବେଶ ବଢ଼ିଥିଲା । ପାଣିପଡି ଛେକ ଆସିଲାପରେ ୪ଜଣ ପୂଜାପଣ୍ଡା ୪ବାଡରେ ସଂଧ୍ୟାଧୂପ ପୂଜା ବସିଥିଲେ । ଭୋଗ ସରିଲାପରେ ମଦନମୋହନ ଆସି ଲକ୍ଷ୍ମୀଙ୍କ ସହିତ ଆଜ୍ଞାମାଳ ପାଇ ସାତପାହାଚ ଠାରେ ଥିବା ପାଲିଙ୍କିକୁ ବିଜେ ହୋଇଥିଲେ । ସେଠାରୁ ଲକ୍ଷ୍ମୀମନ୍ଦିର ଜଗମୋହନରେ ପଡ଼ିଥିବା ଖଟକୁ ଯିବାରେ ଲକ୍ଷ୍ମୀଙ୍କ ପ୍ରତିନିଧି ଭିତରଛ ଏବଂ ମହାପ୍ରଭୁଙ୍କର ପ୍ରତିନିଧି ମୁଦିରସ୍ତ ଉଭୟଙ୍କ ମଧ୍ୟରେ ହିଙ୍ଗୁଳ କଉଡି ୨୧, ରୂପା କଉଡି ୨୧ ପଶା, ଶକଟା ଖେଳମାନ ଖେଳିଥିଲେ । ପରେ ବାହୁଡି ମଦନମୋହନ ଦକ୍ଷିଣ ଘରକୁ ଓ ଲକ୍ଷ୍ମୀ ସିଂହାସନକୁ ଯିବାରେ ମୈଲମ, ଚନ୍ଦନ ଲାଗି, ନୂଆପତନୀ ଲାଗି ସହ ୬ମୂର୍ତ୍ତି ଅଳଙ୍କାର ଲାଗି ହୋଇ ବଡସିଂହାର ବେଶ ହୋଇଥିଲା । ପାଣିପଡି ଭୋଗ ଆସିବା ପରେ ଫଳ ସାମଗ୍ରୀ ପନ୍ତୀ ହେବାରେ ପୂଜାପଣ୍ଡା, ମଣୋହି କରିଥିଲେ । ପରେ ୩ଜଣ ପୂଜାପଣ୍ଡା, ପତିମହାପାତ୍ର, ମୁଦିରସ୍ତ ଜୁଆ, ଶକଟା ସିଂହାସନ ତଳେ ଓ ଉପରେ ଖେଳିଥିଲେ । ଏଠାରେ ମହାପ୍ରଭୁ ହାରିବାରେ ମାଧବ ମହାଜନଙ୍କ ହାତରେ ଲକ୍ଷ୍ମୀ ମନ୍ଦିରକୁ ବିଜେ ହୋଇ ସେଠାରେ ୭ଦିନ ପାଇଁ ବନ୍ଧା ରହିଥିଲେ ।

# ଯାତ୍ରା ଓ ଉତ୍ସବ

*ପୂର୍ବ ପ୍ରକାଶିତ ଉତ୍ତାରୁ ....*

**ବେଶ :** ଶ୍ରୀଜଗନ୍ନାଥ ନିରାକାର ଦାରୁବିଗ୍ରହ ହେଲେ ମଧ୍ୟ ବିଭିନ୍ନ ସମୟରେ ତାଙ୍କର ବିଭିନ୍ନ ବେଶ କରାଯାଇଥାଏ । ପ୍ରତିଦିନ ମହାପ୍ରଭୁ ପାଞ୍ଚଥର ବେଶ ହେଉଥିବା ପୂର୍ବରୁ କୁହାଯାଇଛି । ଏହାକୁ ସାଧାବେଶ କୁହାଯାଏ । ବିଭିନ୍ନ ପ୍ରକାରର ଓ ବିଭିନ୍ନ ରଙ୍ଗର ପାଟବସ୍ତ୍ର, ଅଳଙ୍କାର ଓ ଫୁଲସଜ୍ଜା ଦ୍ୱାରା ଏହି ସବୁ ବେଶ କରାଯାଏ । କେବଳ ଫୁଲର ବିଭିନ୍ନ ଅଳଙ୍କାରରେ ପ୍ରତ୍ୟହ ରାତ୍ରିକାଳରେ ଯେଉଁ ବେଶ ହୁଏ, ତାହାର ନାମ ବଡ଼ଶିଙ୍ଗାର (ଶୃଙ୍ଗାର) ଓ ଏହି ବେଶ ଦର୍ଶନରେ ବହୁ ପୁଣ୍ୟଫଳ ଲାଭ ହେବା କଥିତ ହୁଏ । ରାଜରାଜେଶ୍ୱର ଶ୍ରୀଜଗନ୍ନାଥଙ୍କର ଏହି ବେଶ ଓଡ଼ିଶା ରାଜ୍ୟର ମହାପ୍ରଭୁଙ୍କ ପକ୍ଷରେ ଅତ୍ୟନ୍ତ ଉପଯୋଗୀ ।

ତାହା ବ୍ୟତୀତ ଶ୍ରୀଜଗନ୍ନାଥଙ୍କର ଋତୁ ଅନୁଯାୟୀ କେତେକ ବେଶ ହୁଏ ଓ ତାହା ରାଜାଧିରାଜ ଜଗନ୍ନାଥଙ୍କ ପ୍ରସନ୍ନତା ନିମନ୍ତେ ପ୍ରବର୍ତ୍ତିତ ହୋଇଥିବାର ମନେ କରାଯାଏ । ସେଥି ମଧ୍ୟରୁ (୧) ବୈଶାଖ ମାସରେ ଚନ୍ଦନ ଲାଗି ବେଶ ଅକ୍ଷୟ ତୃତୀୟା ଠାରୁ ୪୨ ଦିନ ପର୍ଯ୍ୟନ୍ତ, (୨) ରାଜବେଶ ବା ସୁନାବେଶ ଆଶ୍ୱିନ ଶୁକ୍ଳ ଦଶମୀ, କାର୍ତ୍ତିକ ପୂର୍ଣ୍ଣିମା, ପୌଷ ପୂର୍ଣ୍ଣିମା, ଦୋଳ ପୂର୍ଣ୍ଣିମା ଓ ଆଷାଢ଼ ଶୁକ୍ଳ ଏକାଦଶୀରେ (ରଥ ଉପରେ) ଏହି ପରି ବର୍ଷକେ ପାଞ୍ଚଥର, (୩) ଘୋଡ଼ଲାଗି ବେଶ ମାର୍ଗଶୀର ଶୁକ୍ଳ ଷଷ୍ଠୀ ଠାରୁ ବସନ୍ତ ପଞ୍ଚମୀ ପର୍ଯ୍ୟନ୍ତ ଓ ଜାମାଲାଗି ବେଶ ବସନ୍ତ ପଞ୍ଚମୀ ଠାରୁ ଦୋଳପୂର୍ଣ୍ଣମୀ ପର୍ଯ୍ୟନ୍ତ ଏବଂ (୪) ଚାଚେରୀ ବେଶ ଫାଲ୍‌ଗୁନ ମାସରେ ଶୁକ୍ଳ ଦଶମୀ ଠାରୁ ଚାରିଦିନ ପର୍ଯ୍ୟନ୍ତ (୫) ପଦ୍ମବେଶ ମାଘ ଅମାବାସ୍ୟାଠାରୁ ବସନ୍ତ ପଞ୍ଚମୀ ମଧ୍ୟରେ ଯେ କୌଣସି ଶନିବାର ଓ ବୁଧବାର ଦିନ ହୋଇଥାଏ ।



ସ୍ନାନ ପୂର୍ଣ୍ଣମା ଦିନ ମହାପ୍ରଭୁଙ୍କର ଗଣେଶ ବେଶ ବା ହାତୀବେଶ ହୁଏ । ମହାପ୍ରଭୁ ମହାରାଷ୍ଟ୍ରର ଗଣପତି ଭକ୍ତଙ୍କୁ ଗଣେଶ ରୂପରେ ଦର୍ଶନ ଦେଇଥିବା ଉଲ୍ଲେଖ ଅଛି । ଏହି ବେଶ ତାହାର ସ୍ମୃତିରେ ହିଁ ହୁଏ । ମହାପ୍ରଭୁଙ୍କର କୃଷ୍ଣଲୀଳା ଉତ୍ସବ ସମୟରେ ଭାଦ୍ରବ କୃଷ୍ଣ ଦଶମୀ ଦିନ ବନଭୋଜି ବେଶ, ଏକାଦଶୀ ଦିନ କାଳୀୟ ଦଳନ ବେଶ, ଦ୍ୱାଦଶୀ ଦିନ ବଳଭଦ୍ରଙ୍କର ପ୍ରଳମ୍ବାସୁର ବଧ ଶେ, ତ୍ରୟୋଦଶୀ ଦିନ କୃଷ୍ଣ ବଳରାମ ବେଶ ହୁଏ । ଏହି ବେଶ ଗୁଡ଼ିକ ଜଗନ୍ନାଥଙ୍କର ଶ୍ରୀକୃଷ୍ଣ ସ୍ୱରୂପର ପରିଚୟ ଦିଅନ୍ତି । ସେହିପରି ରାମଲୀଳା କାଳରେ ଜଗନ୍ନାଥଙ୍କର ରଘୁନାଥ ବେଶ ମଧ୍ୟ ହେଉଥିଲା । ବାମନ ଜନ୍ମଦିନ ତାଙ୍କର ବାମନ ବେଶ ହୁଏ । ଦୀପାବଳୀ ଶ୍ରାଦ୍ଧ ଦିନ ସେ ଶ୍ରାଦ୍ଧ ବେଶ ଧାରଣ କରନ୍ତି । ଆଶ୍ୱିନ ଶୁକ୍ଳ ଏକାଦଶୀ ଠାରୁ କାର୍ତ୍ତିକ ଶୁକ୍ଳ ଦଶମୀ ପର୍ଯ୍ୟନ୍ତ ଜଗନ୍ନାଥ ରାଧା ଦାମୋଦର ବେଶ ହୁଅନ୍ତି । ଏହି ସମୟ ମଧ୍ୟରେ ସୋମବାର ଦିନ ବଳଭଦ୍ର ହରିହର ବେଶ ହୁଅନ୍ତି । କାର୍ତ୍ତିକ ମାସର ପଞ୍ଚକରେ ଶୁକ୍ଳ ଏକାଦଶୀ ଦିନ ଲକ୍ଷ୍ମୀନାରାୟଣ (ଠିଆକିଆ) ବେଶ, ଦ୍ୱାଦଶୀ ଦିନ ବାଙ୍କଚୂଡ଼ା (ବାମନ) ବେଶ, ତ୍ରୟୋଦଶୀ ଦିନ ତ୍ରିବିକ୍ରମ (ଆଡ଼କିଆ) ବେଶ, ଚତୁର୍ଦ୍ଦଶୀ ଦିନ ନୃସିଂହ (ଡ଼ାଳିକିଆ) ବେଶ ଓ ପୂର୍ଣ୍ଣିମା ଦିନ ଲକ୍ଷ୍ମୀ ନାରାୟଣ (ରାଜ ରାଜେଶ୍ୱରୀ) ବେଶ ହୁଏ । ଏହି ପଞ୍ଚକ ମଧ୍ୟରେ ଅତିରିକ୍ତ ଦିନ ପଡ଼ିଲେ ନାଗାର୍ଜୁନ ବେଶ ହୁଏ । ମାଘ ପୂର୍ଣ୍ଣିମା ଦିନ ଗଜଉଦ୍ଧାରଣ ବେଶ ହୁଏ । ଏଥିରୁ କେତେକ ବେଶରେ ବିଭିନ୍ନ ପ୍ରକାର ସୁନା ଓ ରତ୍ନର ଅଳଙ୍କାର, ଜରି ଓ ସୋଲରେ ନିର୍ମିତ ବିଭିନ୍ନ ଅଳଙ୍କାର ଓ ବିବିଧ ଉପକରଣ ଲାଗି କରାଯାଏ ।

## ପୁରୀର ବିଭିନ୍ନ ମଠ

ଶ୍ରୀକ୍ଷେତ୍ର ପୁରୀ ବିଭିନ୍ନ ଧର୍ମ ସଂପ୍ରଦାୟର ମିଳନପୀଠ । ପ୍ରାଚୀନକାଳରୁ ବହୁ ଧର୍ମାଚାର୍ଯ୍ୟ, ସାଧୁସନ୍ଥ, ବିଦ୍ୱାନ, ଦାର୍ଶନିକ ଏହି କ୍ଷେତ୍ରକୁ ଆସି ଶ୍ରୀଜଗନ୍ନାଥଙ୍କ ପ୍ରତି ଆକୃଷ୍ଟ ହୋଇଛନ୍ତି ଓ ନିଜ ନିଜ ସଂପ୍ରଦାୟର ମଠ, ଆଶ୍ରମାଦି ସ୍ଥାପନ କରିଛନ୍ତି । ଏଥି ମଧ୍ୟରୁ କେତେକ ମଠର ବିବରଣ ନିମ୍ନରେ ଉଲ୍ଲେଖ କରାଗଲା-

**୧. ଗୋବର୍ଦ୍ଧନ ମଠ :** ଏହା ସ୍ୱର୍ଗଦ୍ୱାର ନିକଟରେ ଅବସ୍ଥିତ । ଏହାର ଅନ୍ୟ ନାମ ବାଲିମଠ, କାରଣ ଏହା ସମୁଦ୍ରକୂଳରେ ଏକ ବାଲିସ୍ତୂପ ଉପରେ ପ୍ରଥମେ ସ୍ଥାପିତ ହୋଇଥିଲା । ଆଦି ଶଙ୍କରାଚାର୍ଯ୍ୟଙ୍କ ଦ୍ୱାରା ସ୍ଥାପିତ ହୋଇଥିବା ଚାରିଗୋଟି ପୀଠ ମଧ୍ୟରୁ ଏହା ଅନ୍ୟତମ । ଏଠାର ମଠାଧୀଶମାନଙ୍କୁ ମଧ୍ୟ ଶଙ୍କରାଚାର୍ଯ୍ୟ କୁହାଯାଏ ଓ ସେ ଜଗନ୍ନାଥଙ୍କ ମନ୍ଦିର ସହିତ ବହୁ ଭାବରେ ସମ୍ପର୍କିତ ଅଟନ୍ତି । ସ୍ମାର୍ତ୍ତ ଧର୍ମର ବ୍ୟବସ୍ଥାପନାରେ ଉତ୍ସର୍ଗିତ ହୋଇଥିବା ଏହି ମଠରେ ଏକ ମନ୍ଦିରରେ ଅର୍ଦ୍ଧନାରୀଶ୍ୱର ଶିବ, ଅନ୍ୟ ମନ୍ଦିରରେ ଗୋବର୍ଦ୍ଧନ ବା ଗୋପାଳଙ୍କ ସହ କୃଷ୍ଣ, ଲକ୍ଷ୍ମୀ, ଦୁର୍ଗା, ବିମଳା ପ୍ରଭୃତି ବିଭିନ୍ନ ଦେବଦେବୀ ଓ ମଣ୍ଡପରେ ଚତୁର୍ଦ୍ଧାମୂର୍ତ୍ତି ଜଗନ୍ନାଥ ପୂଜିତ ହେଉଛନ୍ତି । ଏଠାରେ ବିଭିନ୍ନ ସମୟରେ ଯଜ୍ଞ କର୍ମ ମଧ୍ୟ ହେଉଛି ।

**୨. ଏମାର ମଠ :** ଶ୍ରୀ ରାମାନୁଜାଚାର୍ଯ୍ୟଙ୍କ ଦ୍ୱାରା ସ୍ଥାପିତ ହୋଇଥିବା ଏହି ମଠ ଶ୍ରୀ ସମ୍ପ୍ରଦାୟର ଶ୍ରେଷ୍ଠ ପୀଠ ଅଟେ । ଏହା ସିଂହଦ୍ୱାର ନିକଟରେ ଅବସ୍ଥିତ । କେତେକଙ୍କ ମତରେ ଏହାକୁ ରାମାନୁଜଙ୍କର ପ୍ରିୟ ଶିଷ୍ୟ ଗୋବିନ୍ଦାଚାର୍ଯ୍ୟ ସ୍ଥାପନ କରିଥିଲେ ଓ ତାଙ୍କୁ ହିଁ ସଙ୍କେତ କରି ଏହି ମଠର ଏପରି ନାମକରଣ ହୋଇଅଛି । ଏହି ମଠର ମହନ୍ତମାନେ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କ୍ଷେତ୍ରରେ ଅତୀତରେ ବହୁ ସକ୍ରିୟ ଭୂମିକା ଗ୍ରହଣ କରିଥିବା ଜଣାଯାଏ । ଏହି ମଠରେ ଜଗନ୍ନାଥ ସ୍ୱାମୀ (ରାମ, ଲକ୍ଷ୍ମଣ ଓ ସୀତା)ଙ୍କ ସହିତ ଅନ୍ୟ ବିଗ୍ରହମାନେ ପୂଜିତ ହେଉଛନ୍ତି ।

**୩. ଜଗନ୍ନାଥବଲ୍ଲଭ ମଠ :** ଏହା ବଡ଼ଦାଣ୍ଡରେ ଅବସ୍ଥିତ । ମଠଟି ବିଷ୍ଣୁସ୍ୱାମୀଙ୍କ ଦ୍ୱାରା ସ୍ଥାପିତ ହୋଇଅଛି । ଏଠାରେ ଶ୍ରୀଜଗନ୍ନାଥଙ୍କର ଦୀପାବଳୀ, ଦମନକ ପର୍ବ, ରାମଲୀଳା ପ୍ରଭୃତି ବହୁ ଉତ୍ସବ ପାଳିତ ହୁଏ । ଏଠାରେ ଚତୁର୍ଭୂଜ ଗୋପାଳ, ଜଗନ୍ନାଥ, ହନୁମାନ ପ୍ରଭୃତି ପୂଜିତ ହୁଅନ୍ତି । ଏହା ରାୟ ରାମାନନ୍ଦଙ୍କର ସାଧନସ୍ଥଳ ଅଟେ ।

**୪. ବଡ଼ ଓଡ଼ିଆ ମଠ :** ଏହା ବାସେଳୀ ସାହିରେ ଅବସ୍ଥିତ । ଏହି ମଠଟି ଅତିବଡ଼ୀ ଜଗନ୍ନାଥ ଦାଶ ଗୋସ୍ୱାମୀଙ୍କ ଦ୍ୱାରା ସ୍ଥାପିତ ଅଟେ । ତାଙ୍କର ପ୍ରାଚୀନ ଓଡ଼ିଆ ଭାଗବତ ପୁସ୍ତକ ମଧ୍ୟ ଏଠାରେ ଅଛି । ଶ୍ରୀକୃଷ୍ଣ ମଠର ମୁଖ୍ୟ ଦେବତା ଅଟନ୍ତି ।

**୫. ରାଧାବଲ୍ଲଭ ମଠ :** ଏହା ସିଂହଦ୍ୱାର ସମ୍ମୁଖରେ ଅବସ୍ଥିତ ଓ ନିମ୍ବାର୍କାଚାର୍ଯ୍ୟଙ୍କ ଦ୍ୱାରା ସ୍ଥାପିତ ମଠ ଅଟେ । ରାଧାବଲ୍ଲଭ ଶ୍ରୀକୃଷ୍ଣ ଏହି ମଠର ମୁଖ୍ୟ ଦେବତା ଅଟନ୍ତି ।

● (କ୍ରମଶଃ)

ଶ୍ରୀମନ୍ଦିର ନାଟମନ୍ଦିରରେ ସ୍ଥାପିତ 'ହୁଣ୍ଡି' ରେ ମୁକ୍ତ ହସ୍ତରେ ଦାନ କରନ୍ତୁ । *ଶ୍ରୀମନ୍ଦିର ପ୍ରଶାସନ, ପୁରୀ*

# ଫଟୋରେ ଖବର...



ତା ୬.୧୦.୨୩ରେ ଶ୍ରୀମନ୍ଦିରରେ ସହସ୍ରାକୁମ୍ଭାଭିଷେକ ପରିପ୍ରେକ୍ଷୀରେ ଶ୍ରୀନଅରରେ ଗଜପତି ମହାରାଜାଙ୍କ ଗହଣରେ ବ୍ରାହ୍ମଣମାନେ



ତା ୯.୧୦.୨୩ରେ ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟ ଠାରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଶ୍ରୀଯୁକ୍ତ ରଂଜନ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଆହୂତ 'ନୀତି ସବ୍-କମିଟି' ବୈଠକ





ତା ୧୪.୧୦.୨୩ରେ ଷୋଳପୂଜା ଅବସରରେ ଦୋଳମଣ୍ଡପ ସାହିସ୍ଥିତ ନାରାୟଣୀଙ୍କ ମନ୍ଦିରକୁ ଦୁର୍ଗା-ମାଧବଙ୍କ ବିଜେ



ତା ୧୪.୧୦.୨୩ରେ ଅମାବାସ୍ୟା ପରିପ୍ରେକ୍ଷୀରେ ଶ୍ରୀନାରାୟଣଙ୍କ ସାଗର ବିଜେ



ତା ୧୬.୧୦.୨୩ରେ ନୀଳାଦ୍ରି ଭକ୍ତ ନିବାସ ଠାରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଶ୍ରୀଯୁକ୍ତ ରଂଜନ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଆହୂତ 'ଛତିଶା ନିଯୋଗ' ବୈଠକ

# ଫଟୋରେ ଖବର...



ତା ୧୭.୧୦.୨୩ ରେ ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟ ଠାରେ
ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଶ୍ରୀଯୁକ୍ତ ରଂଜନ କୁମାର ଦାସ ପ୍ରଶାସନ ତରଫରୁ
ପ୍ରକାଶିତ 'ଇଂରାଜୀ ଶ୍ରୀମନ୍ଦିର ସମାଚାର'ର ପ୍ରଥମ ସଂସ୍କରଣକୁ
ଅଧିକାରୀମାନଙ୍କ ଗହଣରେ ଉନ୍ମୋଚନ କରୁଅଛନ୍ତି



ତା ୨୧.୧୦.୨୩ ରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ
ଶ୍ରୀଯୁକ୍ତ ରଂଜନ କୁମାର ଦାସ ଭୁବନେଶ୍ୱରସ୍ଥ ଶ୍ରୀ ଡାକ୍ତରଖାନାରେ
ଅସୁସ୍ଥ ବଡୁ ସୁଆର ସେବକଙ୍କୁ ଭେଟି ତାଙ୍କ
ସ୍ୱାସ୍ଥ୍ୟ ଅବସ୍ଥା ବୁଝିଛନ୍ତି ।



ତା ୨୩.୧୦.୨୩ ରେ ଓଡ଼ିଶାର ମହାମହିମ ରାଜ୍ୟପାଳ
ପ୍ର. ଗଣେଶୀ ଲାଲ ଶ୍ରୀମନ୍ଦିର ଲୋ.ସଂ. ଅଧିକାରୀ
ଶ୍ରୀ ଜିତେନ୍ଦ୍ର ନାରାୟଣ ମହାନ୍ତିଙ୍କ ଗହଣରେ ଶ୍ରୀମନ୍ଦିରରୁ
ଶ୍ରୀବିଗ୍ରହମାନଙ୍କ ଦର୍ଶନ ସାରି ଫେରୁଅଛନ୍ତି



ତା ୨୪.୧୦.୨୩ ରେ ଦଶହରା ଅବସରରେ ଶ୍ରୀଜଗନ୍ନାଥ ବଲ୍ଲଭରେ
ପ୍ରଭୁ ରାମ-କୃଷ୍ଣ, ମଦନମୋହନ ଏବଂ ଦୁର୍ଗା-ମାଧବଙ୍କ ଉପସ୍ଥିତିରେ
'ଦଶହରା ନୀତି' ସମ୍ପନ୍ନ କରାଯାଉଅଛି



ତା ୨୮.୧୦.୨୩ ରେ କୁମାର ପୂର୍ଣ୍ଣିମା ପରିପ୍ରେକ୍ଷୀରେ
ଶ୍ରୀସୁଦର୍ଶନଙ୍କ ଆଶ୍ରମ ବିଜେ



ତା ୩୦.୧୦.୨୩ ରେ ଓଡ଼ିଶାର ନୂତନ ମହାମହିମ ରାଜ୍ୟପାଳ
ଶ୍ରୀଯୁକ୍ତ ରଘୁବର ଦାସ ସସ୍ତ୍ରୀକ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ
ଶ୍ରୀଯୁକ୍ତ ରଂଜନ କୁମାର ଦାସଙ୍କ ଗହଣରେ ଶ୍ରୀବିଗ୍ରହମାନଙ୍କ
ଦର୍ଶନ ସାରି ଫେରୁଅଛନ୍ତି

ପୁସ୍ତକ-ଯୁଗେ ଯୁଗେ ରଥଯାତ୍ରା ...

## (୧୫) ୧୮୭୯ ମସିହା ପୁରୀ ରଥଯାତ୍ରା
### (ଭାଗ-୧୪-ସଂଖ୍ୟା ୨୫ - ତା ୨୧ ରିଖ, ଜୁନ)

ଅଦ୍ୟ ଶ୍ରୀଗୁଣ୍ଡିଚ୍ଛା ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ପ୍ରଧାନ ଯାତ୍ରା ।ଏ ବର୍ଷ ବିଶେଷ ଯାତ୍ରୀ ହୋଇଅଛନ୍ତି । ଦେବସ୍ନାନ ପୂର୍ଣ୍ଣିମା ଦିନ ଦଶ ସହସ୍ର ଯାତ୍ରୀ ହୋଇଥିଲେ ନବଯୌବନ ଦିନକୁ ୩୦୦୦୦ ପର୍ଯ୍ୟନ୍ତ ବୃଦ୍ଧି ହୋଇଥିଲା । ଅଧିକ ଯାତ୍ରୀ ହେବା ଦୃଷ୍ଟିରେ ପୁରୀର ମେଜଷ୍ଟର ସାହେବଙ୍କ ପ୍ରାର୍ଥନା ଏଠାରୁ ପୁଲିସର ଅଶିଷ୍ଟଣ୍ଡ ସାହେବ ଦୁଇଜଣ ହେଡ୍‌କନଷ୍ଟେବଲ ଓ ଚାଳିଶ ଜଣ କନଷ୍ଟେବଲ ସେଠା ପୁଲିସର ସାହାଯ୍ୟ ନିମନ୍ତେ ଯାଇଅଛନ୍ତି । ଶୁଣିବାରେ ପୁଲିସର ବନ୍ଦୋବସ୍ତ ଉତ୍ତମ ହୋଇଅଛି ମାତ୍ର ଓଲାଉଠା ଉପସ୍ଥିତ ହୋଇ ଭୟର କାରଣ ହୋଇଅଛି ।

## (୧୬) ୧୮୭୯ ମସିହା ପୁରୀ ରଥଯାତ୍ରା
### (ଭାଗ-୧୪-ସଂଖ୍ୟା ୨୬ - ତା ୨୮ ରିଖ, ଜୁନ)

ଏଥର ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ରଥଯାତ୍ରା କାର୍ଯ୍ୟ ସବୁ ଅତି ଚଞ୍ଚଳ ନିର୍ବାହ ହୋଇଅଛି ।

ଚଳିତ ମାସ ତା୨୧ରିଖ ଶନିବାର ଶ୍ରୀଗୁଣ୍ଡିଚ୍ଛା ଥିଲା । ଏ ଦିନ ସକାଳ ଘ୮ଣ୍ଟା ସମୟରେ ଖେଚଡ଼ି ଭୋଗ ଶେଷ ହୋଇ ଘ୯ଣ୍ଟା ବେଳେ ପହଣ୍ଡି ବିଜେ ଆରମ୍ଭ ହେଲା । ଘ୧୧ଣ୍ଟା ମଧ୍ୟରେ ତିନିଠାକୁର ଆପଣା ଆପଣା ରଥରେ ଆସୀନ ହେଲେ । ଅପରାହ୍ନ ଘ୩ଣ୍ଟା ସମୟରେ ବଳଦେବେଜୀଉଙ୍କ ରଥଟଣା ଆରମ୍ଭ ହେଲା ଓ ସେହିଦିନ ସନ୍ଧ୍ୟା ପର୍ଯ୍ୟନ୍ତ ବଡ଼ଠାକୁରେ ଗୁଣ୍ଡିଚ୍ଛାମଣ୍ଡପଠାରେ ପହୁଞ୍ଚିଲେ ।



ତା୨୨ରିଖ ରବିବାର ପ୍ରାତଃକାଳ ଘ୬ଣ୍ଟା ସମୟରେ ସୁଭଦ୍ରାଙ୍କ ରଥଟଣା ଆରମ୍ଭ ହୋଇ ଘ୧୦ଣ୍ଟା ସରିକି ରଥ ଗୁଣ୍ଡିଚ୍ଛାମନ୍ଦିରରେ ପ୍ରବେଶ ହେଲା ।

ଏହିପରି ମାଜିଷ୍ଟ୍ରେଟ ଓ ପୁଲୀସର ଆଜ୍ଞା ଓ ସାହାଯ୍ୟରେ ଦୁଇଥର ମାଉସିମା ଘର ବା ଅନ୍ୟତ୍ରରେ ବିଶ୍ରାମ ନପାଇ ଏକାଟଣାରେ ଗୁଣ୍ଡିଚ୍ଛାମନ୍ଦିରକୁ ଆନୀତ ହେବାରେ ଠାକୁରମାନଙ୍କୁ ଯେ ବାଧିଥିବ ଏହା ବୋଲିବା ବାହୁଲ୍ୟ । ଅନୁମାନ ହୁଅଇ ଏହା ଦେଖି ଶ୍ରୀଜଗନ୍ନାଥଙ୍କର ସୁଦ୍ଧା ଭୟ ହୋଇଥିବ ଓ ସେହି ହେତୁରୁ ହେଉ ଅଥବା ଅନ୍ୟ କାରଣରୁ ହେଉ ଉପରଓଳି ଘ୩ଣ୍ଟା ସମୟରେ ଶ୍ରୀଜଗନ୍ନାଥଙ୍କ ରଥଟଣା ହୋଇ ଅଧେବାଟ ଯାଇ (ଅର୍ଥାତ୍ ହାସପାତାଳ ନିକଟରେ) ଚାରିଜଣ କଳାପିଠିଆଙ୍କ ଉପରେ ଚଢ଼ିଗଲା । ପୁଲୀସ ତତ୍ପର ହୋଇ ସେମାନଙ୍କୁ ସଚେତ କରାଇ ହାସପାତାଳକୁ ପଠାଇଦେଲେ ମାତ୍ର ସେମାନେ ଗୁରୁତର ପୀଡ଼ା ପାଇଥିବାରୁ ଦୁଇଜଣ ସେହି ରାତ୍ରରେ ମରିଗଲେ । ଅନ୍ୟ ଦୁଇଜଣ ଏପର୍ଯ୍ୟନ୍ତ ବଞ୍ଚିଅଛନ୍ତି ।

ରଥଟଣା ସମୟରେ କଟକର ଅଶିଷ୍ଟଣ୍ଟ ସୁପରିଣ୍ଟେଣ୍ଡେଣ୍ଟ କକ୍ସସାହେବ ପୁରୀର ଇନ୍‌ସ୍ପେକ୍ଟର ବାବୁ ରାମ ରାଓ ଓ ତିନିଜଣ ସବ୍‌ଇନସ୍ପେକ୍ଟର ଏବଂ ପ୍ରାୟ ଜ୩୦୦ଣ କନଷ୍ଟବଳ ମୁତୟନ ଥିଲେ ଓ ସେମାନେ ଯାତ୍ରିଙ୍କୁ ଅନ୍ତର ରଖିବା ଓ ଭିଡ଼ ନିବାରଣ ପକ୍ଷରେ ଯଥେଷ୍ଟ ସାବଧାନ ଥିଲେ । ତଥାଚ ଏପରି ଘଟନା ହେଲା ବଡ଼ ଦୁଃଖର ବିଷୟ ଅଟଇ । ଜଣାଯାଏ ଯେ କଳାପିଠିଆମାନଙ୍କୁ ରଥଠାରୁ ଅନ୍ତର ରଖିବା ବିଷୟରେ ପୁଲୀସ୍ ତେଡ଼େ ସତର୍କ ହୋଇନଥିଲେ କାରଣ ରଥପାଖରେ ଥିବା କଳାପିଠିଆଙ୍କ ମଧ୍ୟରୁ ଚାରିଜଣ ଉପରେ ଏ ବିପଦ ପଡ଼ିଲା ଓ ଅନୁମାନ ହୁଅଇ ଯେ ସେମାନେ ଯାତ୍ରା ଦେଖିବା ଓ ଗୀତ ଶୁଣିବାରେ ମାତି ରଥଦୌଡ଼ି ଶିଥିଳକରି ଧରିଥିଲେ ଅଥବା ଛାଡ଼ି ଦେଇଥିଲେ ଏହି ହେତୁରୁ ଆଗବାଲାମାନେ ବଳରେ ଟାଣିବା ସମୟରେ ସେମାନଙ୍କ ଉପରେ ରଥ ଚଢ଼ିଗଲା । କେହି କେହି କହନ୍ତିକି ଅସ୍ପର୍ଶୀୟ ଲୋକ ଅର୍ଥାତ୍ ଇଂରାଜ ଓ ମୁସଲମାନ ରଥକୁ ଛୁଇଁବାରୁ ଏପରି ଦୁର୍ଘଟନା ହେଲା । ଯାହା ହେଉ ମାଜିଷ୍ଟ୍ରେଟୀ ତଦାରଖରେ କାହାରି ତ୍ରୁଟି ପ୍ରକାଶ ପାଇନାହିଁ । ମାତ୍ର ସାଧାରଣ ବିଶ୍ୱାସ ଏହିକି ପୁଲୀସ ଯେମନ୍ତ ଯାତ୍ରିଙ୍କ ରକ୍ଷାପ୍ରତି ଦୃଷ୍ଟି ରଖିଥିଲେ ଯେବେ ତହିଁ ସଙ୍ଗେ ରଥ ଟାଣିବା ଲୋକଙ୍କ ରକ୍ଷା ପ୍ରତି ଦୃଷ୍ଟି ରଖିଥାନ୍ତେ ତାହାହେଲେ ଏ ଦୁର୍ଘଟନା ଘଟି ନଥାନ୍ତା । ହାକିମମାନଙ୍କର ତରତରିଆପଣ ମଧ୍ୟ ଏଥିର ଅନ୍ୟତର କାରଣ ଅଟଇ ।

ତା୨୩ରିଖ ରବିବାର ଅପରାହ୍ନ ଘ୪ଣ୍ଟା ସମୟରେ ଜଗନ୍ନାଥଙ୍କ ରଥଟଣା ହୋଇ ବାଘଆଖଡ଼ା ଠାରେ ଅଟକିଲା । ଏ ଦିନ ରଥରେ ପାଞ୍ଚୁଟା ଦୌଡ଼ା ଲାଗିଥିଲା ଓ ରଥ ନିକଟରୁ ପ୍ରାୟ ୧୫୦ଫୁଟ ଅନ୍ତରରେ କଳାପିଠିଆମାନେ ଥାଇ ଟାଣିଥିଲେ ଓ ରଥ ଅତି ଧୀରେ ଧୀରେ ଚାଲିଥିଲା ।

ତା ୨୪ରିଖ ମଙ୍ଗଳବାର ଅପରାହ୍ନ ଘ୪ଣ୍ଟା ସମୟରେ ସେହିପରି ଧୀରେ ଧୀରେ ରଥକୁ ଟାଣିନେଇ ଗୁଣ୍ଡିଚ୍ଛାମନ୍ଦିରରେ ପହୁଞ୍ଚାଇଲେ ।

ତା୨୫ରିଖ ବୁଧବାର ପ୍ରାତଃକାଳରେ ପହଣ୍ଡିବିଜେ ଆରମ୍ଭ ହେଲା ଓ ଠାକୁରମାନେ ଘ୧୦ଣ୍ଟା ସମୟରେ ସିଂହାସନରେ ବସିଲେ ।

ବଡ଼ ଦୁଃଖର ବିଷୟ ଯେ ଓଲାଉଠା ରୋଗ ଏ ବର୍ଷ ଶାନ୍ତ ଅଛି ।



## ପୁସ୍ତକ-ଶ୍ରୀଜଗନ୍ନାଥ ପାଞ୍ଚରାତ୍ର ପଦ୍ଧତି

ପୂର୍ବ ପ୍ରକାଶିତ ଉତ୍ତାରୁ ....

### ଶ୍ରୀଜଗନ୍ନାଥ ପାଞ୍ଚରାତ୍ର ପୂଜାବିଧି :
ଓଁ ଶ୍ରୀଗଣେଶାୟ ନମଃ

### ଅବିଘ୍ନମସ୍ତୁ
''ମଙ୍ଗଳାଚରଣମ୍'

ନୀଳାଚଳନିବାସାୟ ନିତ୍ୟାୟ ପରମାତ୍ମନେ ।
ବଳଭଦ୍ରସୁଭଦ୍ରାଭ୍ୟାଂ ଜଗନ୍ନାଥାୟ ତେ ନମଃ ॥

ତତଃ :
'ଓଁ ହ୍ରଃ ଅସ୍ତ୍ରାୟ ଫଟ୍' ଇତି ପଠିତ୍ୱା ବାମପାର୍ଷ୍ଣି ଘାତତ୍ରୟେଣ
ବାମାଙ୍ଗଂ ସଂକୋଚୟନ୍ ତେଷାଂ ଗମନମାର୍ଗଂ ପ୍ରଦର୍ଶୟେତ୍ ॥

ତତଃ :

ସ୍ୱ ବାମେ : ଓଁ ଗୁରୁଭ୍ୟୋ ନମଃ, ଓଁ ପରମଗୁରୁଭ୍ୟୋ ନମଃ,
ଓଁ ପରାତ୍ପରଗୁରୁଭ୍ୟୋ ନମଃ, ଓଁ ପରମେଷ୍ଠିଗୁରୁଭ୍ୟୋ ନମଃ
ଦକ୍ଷିଣେ : ଓଁ ଗଣେଶାୟ ନମଃ
ଅଗ୍ରେ : ଓଁ ଇଷ୍ଟଦେବତାୟୈ ନମଃ
ପୃଷ୍ଠେ : ଓଁ କ୍ଷେତ୍ରପାଳାୟ ନମଃ
ଊର୍ଦ୍ଧ୍ୱେ : ଓଁ ବ୍ରହ୍ମଣେ ନମଃ
ମଧ୍ୟେ : ଓଁ ଜଗନ୍ନାଥାବିଚତୁର୍ଦ୍ଧାମୂର୍ତ୍ତୟେ ନମଃ
ଅଧୋ : ଓଁ ଅନନ୍ତାୟ ନମଃ
-ଇତି ସଂପୂଜ୍ୟ କରଶୁଦ୍ଧିଂ କୁର୍ଯ୍ୟାତ୍
କରଶୁଦ୍ଧିଃ : ଓଁ ନମଃ ସୁଦର୍ଶନାୟ ଅସ୍ତ୍ରାୟ ଫଟ୍- ଇତି ଗନ୍ଧ ପୁଷ୍ପାଭ୍ୟାଂ
କରୌ ସଂଶୋଧ୍ୟ ଊର୍ଦ୍ଧ୍ୱୋଽଧଃକ୍ରମେଣ ତ୍ରାଳତ୍ରୟଂ ଦତ୍ତ୍ୱା
ଛୋଟିକାମୁଦ୍ରୟା ଦଶଦିଗ୍‌ବନ୍ଧନଂ କୁର୍ଯ୍ୟାତ୍ ॥

ଯଥା ପୂର୍ବାଦି କ୍ରମେଣ-

ଓଁ ଐନ୍ଦ୍ରୀଂ ଦିଶଂ ଚକ୍ରେଣ ବଧ୍ନାମି ନମଷ୍କ୍ରାୟ ସ୍ୱାହା ।
ଓଁ ଆଗ୍ନେୟାଂ ଦିଶଂ ଚକ୍ରେଣ ବଧ୍ନାମି ନାମଷ୍କ୍ରାୟ ସ୍ୱାହା ।
ଓଁ ଯାମ୍ୟାଂ ଦିଶଂ ଚକ୍ରେଣ ବଧ୍ନାମି ନମଷ୍କ୍ରାୟ ସ୍ୱାହା ।
ଓଁ ନୈଋତୀଂ ଦିଶଂ ଚକ୍ରେଣ ବଧ୍ନାମି ନମଷ୍କ୍ରାୟ ସ୍ୱାହା ।
ଓଁ ବାରୁଣୀଂ ଦିଶଂ ଚକ୍ରେଣ ବଧ୍ନାମି ନମଷ୍କ୍ରାୟ ସ୍ୱାହା ।
ଓଁ ବାୟବୀଂ ଦିଶଂ ଚକ୍ରେଣ ବଧ୍ନାମି ନମଷ୍କ୍ରାୟ ସ୍ୱାହା ।
ଓଁ କୌବେରୀଂ ଦିଶଂ ଚକ୍ରେଣ ବଧ୍ନାମି ନମଷ୍କ୍ରାୟ ସ୍ୱାହା ।
ଓଁ ଐଶାନୀଂ ଦିଶଂ ଚକ୍ରେଣ ବଧ୍ନାମି ନମଷ୍କ୍ରାୟ ସ୍ୱାହା ।
ଓଁ ଊର୍ଦ୍ଧ୍ୱଦିଶଂ ଚକ୍ରେଣ ବଧ୍ନାମି ନମଷ୍କ୍ରାୟ ସ୍ୱାହା ।
ଓଁ ଅଧୋଦିଶଂ ଚକ୍ରେଣ ବଧ୍ନାମି ନମଷ୍କ୍ରାୟ ସ୍ୱାହା ।

ଦଶଦିଶୋ ବଦ୍ଧ୍ୱା ତତୋ ବକ୍ଷମାଣମନ୍ତ୍ରୈଃ ଦେବାନ୍
ପ୍ରାର୍ଥୟେତ୍

'ଇନ୍ଦ୍ରେ ମାଂ ପାତୁ ଦିକ୍‌ପୂର୍ବେ ଆଗ୍ନେୟ୍ୟାମିଗ୍ନିଦେବତା ।
ଯାମ୍ୟେ ଯମଃ ସଦା ପାତୁ ନୈର୍ଋତ୍ୟାଂ ନୈର୍ଋତଃ ପ୍ରଭୁଃ ॥'

(କ୍ରମଶଃ...)

ପୂର୍ବ ପ୍ରକାଶିତ ଉତ୍ତାରୁ ....

# ଶ୍ରୀମନ୍ଦିରରେ ବିଜେ ପ୍ରତିମା

## (୫) ଶ୍ରୀନାରାୟଣ

**ସାଗର ବିଜେ :** ସର୍ବ ବ୍ୟାପକ ପରଂବ୍ରହ୍ମ ପରମାତ୍ମା ହିଁ ଶ୍ରୀନାରାୟଣ । ସେ ସଚରାଚର ଜଗତର ସ୍ରଷ୍ଟା, ପାଳକ, ସଂହାରକ, ଷଡୈଶ୍ୱର୍ଯ୍ୟ ସମ୍ପନ୍ନ ଓ ସକଳଶକ୍ତିର ଆଧାର । ମନୁସ୍ମୃତିରେ ଉଲ୍ଲେଖ ରହିଛି-

ଆପୋ ନାରା ଇତି ପ୍ରୋକ୍ତା ଆପୋ ବୈ ନରସୂନବଃ ।
ତା ଯଦସ୍ୟାୟନଂ ପୂର୍ବଂ ତେନ ନାରାୟଣଃ ସ୍ମୃତଃ ॥ (ମ.ସ୍ମୃ.୧।୧୦)

ଅର୍ଥାତ୍- ଜଳକୁ ନାରା କୁହାଯାଏ । କାରଣ, ଜଳ ନରଙ୍କର ଅର୍ଥାତ୍ ପରମାତ୍ମାଙ୍କର ସନ୍ତାନ । ସେହି ନାରା ବା ଜଳ ପରମାତ୍ମାଙ୍କର ପ୍ରଥମ ଆଶ୍ରୟ ବା ନିବାସ ସ୍ଥାନ । ଏଣୁ ପରମାତ୍ମାଙ୍କୁ ନାରାୟଣ କୁହାଯାଏ । ବିଷ୍ଣୁ ଚିନ୍ତନରେ ଉଲ୍ଲେଖ ରହିଛି, 'ନାରାୟଣଂ ତନୁତ୍ୟାଗେ ଶ୍ରୀଧରଂ ପ୍ରିୟସଙ୍ଗମେ' । ଅର୍ଥାତ୍- ପ୍ରାଣତ୍ୟାଗ ସମୟରେ ନାରାୟଣଙ୍କ ନାମ ଉଚ୍ଚାରଣ କଲେ ଜୀବ ପରମଗତି ଲାଭ କରିଥାଏ । ମହାପାପୀ ଅଜାମିଳ ଅନ୍ତକାଳରେ 'ନାରାୟଣ' ନାମ ଉଚ୍ଚାରଣ କରିବାରୁ ଭବସାଗରରୁ ଉଦ୍ଧାର ହୋଇଥିଲେ । ଭାଗବତରେ ଉଲ୍ଲେଖ ରହିଛି-



ଦେଖ ବ୍ରାହ୍ମଣ ପାପୀ ଥିଲା । ଅନ୍ତେ କୃଷ୍ଣଙ୍କୁ ସୁମରିଲା ॥
ଦେଖି ନିକଟେ ତା ମରଣ । ପୁତ୍ରର ନାମ ନାରାୟଣ ॥
ନାମକୁ ଆକୁଳେ ଉଚ୍ଚାରି । ଭବସାଗରୁ ହେଲା ପାରି ॥
(ଭା.୬।୨)

ଶ୍ରୀଜଗନ୍ନାଥ ମହାପ୍ରଭୁ ସ୍ୱୟଂ ଶ୍ରୀନାରାୟଣ । ଅଣସର ପଟିରେ ଶ୍ରୀଜଗନ୍ନାଥଙ୍କ ବାଡ଼ରେ ଶ୍ରୀନାରାୟଣଙ୍କ ଚିତ୍ରିତ ପ୍ରତିମା ସ୍ଥାନିତ ହୁଅନ୍ତି । ସ୍କନ୍ଦପୁରାଣରେ ଉଲ୍ଲେଖ ରହିଛି, ସ୍ୱୟଂ ପରଂବ୍ରହ୍ମ ଭଗବାନ ଶ୍ରୀନାରାୟଣ ଦାରୁମୟ କଳେବର ଧାରଣ ପୂର୍ବକ ପରମ ପାବନ ଶ୍ରୀପୁରୁଷୋତ୍ତମ କ୍ଷେତ୍ରରେ ବିରାଜମାନ କରି ମାନବୀୟ ଲୀଳା ପ୍ରଦର୍ଶନ କରୁଅଛନ୍ତି ।

ପୁରୁଷୋତ୍ତମାଖ୍ୟଂ ସୁମହତ୍ କ୍ଷେତ୍ରଂ ପରମପାବନମ୍ ।
ଯତ୍ରାସ୍ତେ ଦାରବତନୁଃ ଶ୍ରୀଶୋ ମାନୁଷଲୀଳୟା ॥ (ସ୍କ.ପୁ.୧।୩)

ଶ୍ରୀମନ୍ଦିରର ଦକ୍ଷିଣ ଘରେ ଶ୍ରୀନାରାୟଣ ବିଜେ ପ୍ରତିମା ଅବସ୍ଥାନ କରିଥାଆନ୍ତି । ଶ୍ରୀନାରାୟଣଙ୍କ ବିଗ୍ରହ ଚତୁର୍ଭୁଜ ବିଶିଷ୍ଟ । ସେ ଚାରି ଭୂଜରେ ଶଙ୍ଖ, ଚକ୍ର, ଗଦା, ପଦ୍ମ ଧାରଣ କରିଅଛନ୍ତି । ଅଷ୍ଟଧାତୁରେ ନିର୍ମିତ ପ୍ରାୟ ଏକ ଫୁଟରୁ ଊର୍ଦ୍ଧ୍ୱ ଉଚ୍ଚତା ବିଶିଷ୍ଟ ଶ୍ରୀନାରାୟଣଙ୍କ ମୂର୍ତ୍ତି ଅତ୍ୟନ୍ତ କମନୀୟ । ସକଳତୀର୍ଥ ଯେଉଁଠାରେ ସମାବିଷ୍ଟ ହୋଇଛନ୍ତି, ସେହି ସାଗର, ଶ୍ରୀନାରାୟଣଙ୍କର ପ୍ରିୟ ନିବାସ ସ୍ଥଳ । ସାଗରସୁତା ଦେବୀ ମହାଲକ୍ଷ୍ମୀ ତାଙ୍କର ଅର୍ଦ୍ଧାଙ୍ଗିନୀ । ଅମାବାସ୍ୟା ତିଥିରେ ସାଗର ମନ୍ଥନ କରାଯାଇଥିଲା । ସେଥିପାଇଁ ପ୍ରତ୍ୟେକ ଅମାବାସ୍ୟା ତିଥିରେ ଶ୍ରୀନାରାୟଣଙ୍କର ସାଗର ବିଜେ ନୀତି ଅନୁଷ୍ଠିତ ହୋଇଥାଏ । କିନ୍ତୁ ନେତ୍ରୋତ୍ସବ ଦିନ ଅମାବାସ୍ୟାରେ ଏହି ବିଧି ଅନୁଷ୍ଠିତ ହୋଇ ନ ଥାଏ । ନୀଳାଦ୍ରିମହୋଦୟରେ ଉଲ୍ଲେଖ ରହିଛି-

ଅମାବାସ୍ୟାସୁ ସର୍ବାସୁ କୁର୍ଯ୍ୟାଦେବଂ ବିଚକ୍ଷଣଃ ।
ନେତ୍ରୋତ୍ସବେ ତୁ ନୋ କୁର୍ଯ୍ୟାଦମାବାସ୍ୟାବିଧିଂ ନୃପ ॥ (ନୀ.ମ.୧୨।୬୫)

ଶ୍ରୀନାରାୟଣଙ୍କର ସାଗର ବିଜେ ନୀତି ପାଇଁ ଭଣ୍ଡାର ଘରୁ ରୂପା ପିଙ୍ଗଣ, କର୍ପୂରବତୀ, ପଞ୍ଚାମୃତ, ଅକ୍ଷତ, ଖଇ କୋରା ଭୋଗ ପ୍ରଭୃତି ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯାଇଥାଏ । ଏହି ନୀତି ସମ୍ପାଦନ ନିମନ୍ତେ ପାଳିଆ ପୂଜାପଣ୍ଡା, ମହାଜନ ସେବକ, ବିମାନବଡୁ, ଆସ୍ଥାନ ପଢ଼ିଆରୀ, ବାସି ପାଳିଆ ଗରାବଡୁ, ଘଣ୍ଟୁଆ, କାହାଳୀଆ ପ୍ରଭୃତି ସେବକ ନିୟୋଜିତ ହୋଇଥାଆନ୍ତି । ଅମାବାସ୍ୟା ଦିନ ସକାଳଧୂପ ପରେ ଏହି ନୀତି ଅନୁଷ୍ଠିତ ହୋଇଥାଏ । ଏହି ଦିନ ଅବକାଶ ପରେ ସକାଳ ବେଶ ସମୟରେ ଶ୍ରୀଜଗନ୍ନାଥ ତୁଳସୀମିଶା ମାଳ, ଆଜ୍ଞାମାଳ ଭାବରେ ଲାଗି ହୋଇଥାଆନ୍ତି । ସକାଳଧୂପ ପରେ ଦକ୍ଷିଣ ଘରୁ ଶ୍ରୀନାରାୟଣ ମୂର୍ତ୍ତିଙ୍କୁ ମହାଜନ ସେବକମାନେ ରତ୍ନ ସିଂହାସନକୁ ବିଜେ କରାଇଥାଆନ୍ତି । ପାଳିଆ ପୂଜାପଣ୍ଡା ଶ୍ରୀଜଗନ୍ନାଥଙ୍କ ଠାରୁ ଆଜ୍ଞାମାଳ ଆଣି ଶ୍ରୀନାରାୟଣଙ୍କୁ ଦେବାପରେ ମହାଜନମାନେ ଝୁଲଣମଣ୍ଡପ ତଳେ ଥିବା ପାଲିଙ୍କିରେ ବିଜେ କରାନ୍ତି । ବିମାନବଡୁ ସେବକମାନେ ପାଲିଙ୍କିକୁ ଆନନ୍ଦ ବଜାର ପଟେ ସିଂହଦ୍ୱାର ବାଟ ଦେଇ ବାଲି ସାହି ରାସ୍ତାରେ ସମୁଦ୍ରକୂଳସ୍ଥ ସ୍ୱର୍ଗଦ୍ୱାରଠାରେ ବିଜେ କରାଇଥାଆନ୍ତି । ସ୍ୱର୍ଗଦ୍ୱାର ଠାରେ ଶ୍ରୀନାରାୟଣ ପ୍ରତିମା ବିଜେ ହେବା ପରେ ଗରାବଡୁ ସେବକ ସାଗରରୁ ଜଳ ଆଣି ପୂଜାପଣ୍ଡାଙ୍କୁ ବଢ଼ାଇଥାଆନ୍ତି । ପୂଜାପଣ୍ଡା ସେହି ଜଳକୁ ସଂସ୍କାରିତ କରି ଶ୍ରୀନାରାୟଣ ବିଗ୍ରହଙ୍କୁ ଲାଗି କରିଥାଆନ୍ତି । ଏଠାରେ ସାବତ ନିଯୋଗ ପକ୍ଷରୁ ଠାକୁରଙ୍କ ଉଦ୍ଦେଶ୍ୟରେ ପଣାଭୋଗ ହୋଇଥାଏ । ଏହାପରେ ଠାକୁରଙ୍କର କର୍ପୂର ଆଳତି, ବନ୍ଦାପନା, ସପ୍ତବତୀ ଆଳତି, ସଞ୍ଜକାହାଳୀ ଆଳତି କରାଯାଏ । ଏଠାରେ ସମସ୍ତ କର୍ମ ବଢ଼ିବା ପରେ ବିମାନବଡୁ ସେବକମାନେ ଠାକୁରଙ୍କୁ ପାଲିଙ୍କିରେ ନେଇ ହରିଦାସ ମଠ ଗୋହିରୀ ଦେଇ ଯମେଶ୍ୱର ମହାଦେବଙ୍କ ମନ୍ଦିର ଭିତର ଗମ୍ଭୀରାରେ ବିଜେ କରାଇଥାଆନ୍ତି । ସେଠାରେ ଠାକୁରଙ୍କର ଦହି ଓ ପଞ୍ଚାମୃତରେ ମହାସ୍ନାନ ହୁଏ ଓ ପଞ୍ଚୋପଚାରରେ ଶୀତଳଭୋଗ ପୂଜା କରାଯାଇ ବନ୍ଦାପନା କରାଯାଏ । ପୂଜାବିଧି ପରେ ଠାକୁର ପାଲିଙ୍କିରେ ବିଜେ କରି ହରଚଣ୍ଡୀ ସାହି, ମଣିକର୍ଣ୍ଣିକା ସାହି ଦେଇ ସିଂହଦ୍ୱାର ବାଟେ ଦକ୍ଷିଣ ଘରକୁ ଯାଇଥାଆନ୍ତି ।

*ଡକ୍ଟର ନରେଶ ଚନ୍ଦ୍ର ଦାଶ*
● *ମହାସଚିବ, ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନ, ପୁରୀ*

ଜାଣିବା କଥା ...

# ଅଣାକ୍ଷର

**ପ୍ରଶ୍ନ ଓ ଉତ୍ତର :**

୧. ପ୍ର - ଶ୍ରୀମନ୍ଦିରରେ 'ଛାମୁ ପଢ଼ିଆରୀ'ଙ୍କ କାର୍ଯ୍ୟ କ'ଣ ?
ଉ - ଏମାନେ ହେଉଛନ୍ତି ଶ୍ରୀମନ୍ଦିରର ପଢ଼ିଆରୀ ସେବକ ବିଶେଷ । ଭୋଗ ଡାକିଯିବା, ଛେକ ଓ ବାଟ ଦେଖି ପହଣ୍ଡି କଢ଼ାଇ ନେବା ସେବକ ବିଶେଷ ।

୨. ପ୍ର - ଶ୍ରୀମନ୍ଦିରରେ 'ଛେକ' କହିଲେ କ'ଣ ବୁଝାଯାଏ ?
ଉ - ଛେଦନ କରିବା । ଶ୍ରୀମନ୍ଦିରରେ ଶିକା, ବାହୁଙ୍ଗି ଦ୍ୱାରା ଠାକୁରଙ୍କ ଭୋଗ ଲାଗି ନିମନ୍ତେ ଅନ୍ନ ପ୍ରସାଦ ବୁହାଯିବା । କୋଠ ଭୋଗରେ ତିନିଜଣ ପାଳିଆ ଭୋଗ ବୋହିବାକୁ ତ୍ରିଛେକ କୁହାଯାଏ । ସ୍ନାନ ପୂର୍ଣ୍ଣିମା, ପୁଷ୍ୟାଭିଷେକ, ନୀଳାଦ୍ରି ମହୋଦୟରେ ଗରାବଡୁମାନେ ଅଧିବାସ ହୋଇଥିବା ଜଳ ନେବାକୁ 'ଜଳ ଛେକ' କୁହାଯାଏ ।

୩. ପ୍ର - ଶ୍ରୀମନ୍ଦିରରେ 'ଛେକ ଛୁଆଁଇବା' କହିଲେ କ'ଣ ବୁଝାଯାଏ ?
ଉ - ଶ୍ରୀମନ୍ଦିର ରୋଷ କାର୍ଯ୍ୟରେ ଯୋଗଦେବା ନିମନ୍ତେ ପ୍ରଥମ ଛେକ ଛୁଇଁବା । ରୋଷ କାର୍ଯ୍ୟରେ ଯୋଗ ଦେଇଥିବା ସୁଆର ଗୋଷ୍ଠୀର ସେବକ ସ୍ନାନ ପୂର୍ଣ୍ଣିମା ଦିନ ପ୍ରଥମ କରି ଛେକ ବୁହାନ୍ତି ବା ହାତରେ ନେଇ ବିଗ୍ରହଙ୍କ ପାଖରେ ରଖନ୍ତି ।

୪. ପ୍ର- ଶ୍ରୀମନ୍ଦିରରେ 'ଜଗତବଲ୍ଲଭ' କହିଲେ କ'ଣ ବୁଝାଯାଏ ?
ଉ- ଶ୍ରୀମନ୍ଦିରସ୍ଥ ସୂର୍ଯ୍ୟଦେବଙ୍କୁ ଜଗତବଲ୍ଲଭ ବୋଲି ସମ୍ବୋଧନ କରାଯାଏ ।

୫. ପ୍ର- ଶ୍ରୀମନ୍ଦିରରେ 'ଜଗତମାତା' କାହାକୁ କୁହାଯାଏ ?
ଉ- ଶ୍ରୀମନ୍ଦିରସ୍ଥ ବିମଳାଙ୍କୁ ଜଗତମାତା ବୋଲି କୁହାଯାଏ ।

୬. ପ୍ର- 'ଜଗନ୍ନାଥ' ଶବ୍ଦର ଅର୍ଥ କ'ଣ ?
ଉ- ଜଗତର ନାଥ, ନାରାୟଣ, ଭଗବାନ, ପରମେଶ୍ୱର, ବିଷ୍ଣୁ, ପରମବ୍ରହ୍ମ । ଓଡ଼ିଶାର ରାଷ୍ଟ୍ର ଦେବତା । ଭାରତର ଏକତମ କ୍ଷେତ୍ର ଶ୍ରୀପୁରୁଷୋତ୍ତମ ନାମରେ ବିରାଜିତ ଓ ପୂଜିତ ବିଷ୍ଣୁ ବିଗ୍ରହ । ଏହା ଭାରତର ଚାରିଗୋଟି ପୁଣ୍ୟ ଧାମ ମଧ୍ୟରୁ ଅନ୍ୟତମ । ଜଗନ୍ନାଥ ଓଡ଼ିଶାର ପୁରୀ ଜିଲ୍ଲା ସମୁଦ୍ର କୂଳରେ ପୁରୀ ବା ପୁରୁଷୋତ୍ତମ ସହରରେ ଅବସ୍ଥିତ । ପୁରାଣ ମତରେ ଜଗନ୍ନାଥ ବିଷ୍ଣୁ ବା ଶ୍ରୀକୃଷ୍ଣଙ୍କର ଦାରୁବ୍ରହ୍ମ ରୂପ । ଏହା ଜଗନ୍ନାଥ ଧାମ ପୁରୀ ବା ପୁରୁଷୋତ୍ତମ କ୍ଷେତ୍ର ଭାବରେ ଖ୍ୟାତ ।

● *ସୌଜନ୍ୟ- ଶ୍ରୀମନ୍ଦିର ଶବ୍ଦକୋଷ- ଶ୍ରୀଜଗନ୍ନାଥ ଗବେଷଣା ପ୍ରତିଷ୍ଠାନ, ଭୁବନେଶ୍ୱର*

# ମହାପ୍ରଭୁଙ୍କ ମନ୍ଦିର ଅଛି ! ରଥ ଯାତ୍ରା ମନା



ଶ୍ରୀକ୍ଷେତ୍ରର ବଡ଼ଦେଉଳ ହେଉଛି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଶ୍ରୀମନ୍ଦିର । ଏଠାରେ ବାର ମାସରେ ତେର ଯାତ୍ରା ହୁଏ । ରତ୍ନ ସିଂହାସନରେ ବିରାଜିତ ଚ଼ତୁର୍ଦ୍ଧାମୂର୍ତ୍ତିଙ୍କ ପାଇଁ ତିନି ଧୂପ ପାଞ୍ଚ ଅବକାଶ ହୁଏ । ସକାଳର ମଙ୍ଗଳ ଆଳତି ରୁ ନୀତି ଆରମ୍ଭ ହୁଏ । ଶେଷ ହୁଏ ରାତି ଅଧର ବଡ଼ସିଂହାର ବେଶରେ । ଶ୍ରୀମନ୍ଦିର ବେଢ଼ାରେ ଏବଂ ଆନନ୍ଦ ବଜାରରେ ସବୁବେଳେ ଭକ୍ତମାନଙ୍କର ଭିଡ଼ ଓ ଗହଳଚ଼ହଳ ଲାଗି ରହିଥାଏ । ଯାତ୍ରା ସମୟରେ ଦୂର ଦୂରାନ୍ତରୁ ଭକ୍ତମାନେ ଆସି ରୁଣ୍ଡ ହୁଅନ୍ତି । ସ୍ନାନଯାତ୍ରା ବେଳେ ସିଂହଦ୍ୱାର ପାଖ ମେଘନାଦ ପାଚ଼େରୀ ଅଞ୍ଚଳରେ ଭିଡ଼ । ଚ଼ନ୍ଦନ ଯାତ୍ରା ବେଳେ ନରେନ୍ଦ୍ର ପୁଷ୍କରିଣୀ ଏବଂ ବଡ଼ଦାଣ୍ଡରେ ଲୋକ ଗହଳି । ସବୁଠାରୁ ବେଶୀ ଭିଡ଼ ଏବଂ ଗହଳି ହୁଏ ରଥଯାତ୍ରା ବେଳେ । ଶ୍ରୀଗୁଣ୍ଡିଚ଼ା ଯାତ୍ରା ପୂର୍ବରୁ ନବଯୌବନ ଦର୍ଶନ ଠାରୁ ଆରମ୍ଭ ହୋଇ ଗୁଣ୍ଡିଚ଼ା ମନ୍ଦିରକୁ ଯାତ୍ରା ଏବଂ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ ବେଳେ ରଥ ଦାଣ୍ଡରେ ସୁନାବେଶ, ଅଧରପଣା ନୀତି ଏବଂ ବାହୁଡ଼ା ପହଣ୍ଡି ଦେଖିବାକୁ ଭକ୍ତମାନେ ଜମା ହୋଇଯାଆନ୍ତି । ଶ୍ରୀକ୍ଷେତ୍ରକୁ ଛାଡ଼ି ଦେଲେ କେନ୍ଦ୍ରାପଡ଼ାର ଶ୍ରୀବଳଦେବ ଜୀଉଙ୍କ ମନ୍ଦିର, ବାରିପଦା ନୀଳଗିରି, ରଣପୁରରେ ରଥଯାତ୍ରା ବେଶ ଜାକଜମକରେ ପାଳିତ ହୁଏ । କେତେକ ସ୍ଥାନରେ ମାଆମାନେ ଶ୍ରଦ୍ଧାରେ ମା' ସୁଭଦ୍ରାଙ୍କ ଦେବଦଳନ ରଥକୁ ଟାଣି ଟାଣି ନେଇଥାନ୍ତି । ବାହାରୁ ଆସିଥିବା ଭକ୍ତମାନେ ହୁଏତ ଜାଣି ନଥିବେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଅତି ସୁନ୍ଦର ମନ୍ଦିରଟିଏ ଅଛି କୃପାସିନ୍ଧୁ ବଳରାମ ଦାସଙ୍କ ସାଧନା ପୀଠ 'ଏରବଙ୍ଗ' ନିକଟରେ । ସେଠାରେ ଭାଇ-ଭଉଣୀଙ୍କ ସହିତ ଶ୍ରୀଜଗନ୍ନାଥ ମହାପ୍ରଭୁ ପୂଜା ପାଉଛନ୍ତି । ଏଠାରେ ପ୍ରତିଦିନ ମହାପ୍ରଭୁଙ୍କ ପୂଜାବିଧି ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ ଅନୁଷ୍ଠିତ ହୁଏ । ମଙ୍ଗଳ ଆଳତି, ମଇଲମ, ଅବକାଶ, ବେଶଲାଗି, ସକାଳଧୂପ, ମଧ୍ୟାହ୍ନଧୂପ, ମଧ୍ୟାହ୍ନ ପହୁଡ଼, ସଂଧ୍ୟାଧୂପ, ବଡ଼ସିଂହାର ବେଶ ଯଥାବିଧି ଅନୁଷ୍ଠିତ ହୋଇଥାଏ । ସକାଳ ଧୂପରେ କ୍ଷୀରି ଖେଚୁଡ଼ି ଭୋଗ ଲାଗେ । ମଧ୍ୟାହ୍ନ ଧୂପରେ ଅନ୍ନ, ଡାଲି, ବେସର ଭୋଗ ଲାଗେ । ସଂଧ୍ୟା ଆଳତି ପରେ ସଂଧ୍ୟା ଧୂପରେ ଅନ୍ନ, ଡାଲି, ବେସର ରନ୍ଧା ହୋଇ ଭାଗ ଲାଗେ । ରାତ୍ରି ପ୍ରସାଦରେ ମହାଲକ୍ଷ୍ମୀଙ୍କ ପାଖରେ ଲଡୁ ଭୋଗ କରାଯାଏ । 'ଏରବଙ୍ଗ' ଠାରେ ପ୍ରତିଷ୍ଠିତ ଏହି ମନ୍ଦିରକୁ ସ୍ଥାନୀୟ ଲୋକେ କହନ୍ତି 'ବଳରାମ ମନ୍ଦିର' । କୃପାସିନ୍ଧୁ ବଳରାମ ଦାସ ଏହିଠାରେ ମନ୍ଦିରଟିଏ ନିର୍ମାଣ କରିବା ପାଇଁ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ପ୍ରାର୍ଥନା କରିଥିଲେ । ମହାପ୍ରଭୁ ସ୍ୱପ୍ନାଦେଶରେ କହିଲେ ମନ୍ଦିର ନିର୍ମାଣ କର । ଉପଯୁକ୍ତ ଦାରୁ ସଂଗ୍ରହ କରି ବିଗ୍ରହ ପ୍ରସ୍ତୁତ କର । ପ୍ରତିଷ୍ଠା ପରେ ଯଥାରୀତି ପୂଜା ଉପାସନା କର । ବାର ମାସରେ ତେର ଯାତ୍ରା କରିବାକୁ ହୁଏତ ମନ ବଳାଇଛ । ତାହା ହୋଇପାରିବ ନାହିଁ । ଆମ୍ଭର ପ୍ରସିଦ୍ଧ ଯାତ୍ରା 'ରଥଯାତ୍ରା' କରିବା ପାଇଁ ତୁମକୁ ଆଜ୍ଞା ଦିଆଯାଇପାରିବ ନାହିଁ । ମନେପକା ପୁରୀରେ ରଥଯାତ୍ରା ବେଳେ ସେବକମାନେ ତୁମକୁ ରଥ ଉପରକୁ ଛାଡ଼ି ନଥିଲେ । ତୁମେ ବାଙ୍କି ମୁହାଣ ଠାରେ ବାଲି ରଥ ନିର୍ମାଣ କରି ଆମ୍ଭଙ୍କୁ ଆକୁଳ ପ୍ରାର୍ଥନା କଲ ସେହି ବାଲି ରଥରେ ବିଜେ ହେବା ପାଇଁ ଭକ୍ତର ମାନ ରକ୍ଷା ପାଇଁ ଆମ୍ଭେ ନନ୍ଦିଘୋଷ ପରିତ୍ୟାଗ କରି ତୁମ ବାଲି ରଥରେ ବିଜେ ହୋଇଥିଲୁ । ତୁମେ ସନ୍ତୁଷ୍ଟ ହେଲ । ମାତ୍ର ବଡ଼ଭାଇ, ଭଉଣୀ, ଗଜପତି ମହାରାଜା, ସେବାୟତମାନେ ଏ କଥାକୁ ସହଜ ଭାବେ ଗ୍ରହଣ କରିପାରି ନ ଥିଲେ । ମହାଲକ୍ଷ୍ମୀ ମଧ ତୁମକୁ ଅଭିଶାପ ଦେଇ ସାରିଛନ୍ତି । ତେଣୁ ଦେଉଳ ହେବ, ପୂଜାଝଜା ହେବ, ନୀତିକାନ୍ତି ହେବ କିନ୍ତୁ ରଥଯାତ୍ରା ଏରବଙ୍ଗ ବଳରାମ ମନ୍ଦିରରେ ହୋଇପାରିବ ନାହିଁ ।

*ଶଂକର୍ଷଣ ମଂଗରାଜ*

*(ପୂର୍ବତନ କାର୍ଯ୍ୟକର୍ତ୍ତା, ପ୍ରସାର ଭାରତୀ), ମଂଗଳାଘାଟ ରୋଡ଼, ପୁରୀ-୧*

## ନଭେମ୍ବର ମାସର ବିଶିଷ୍ଟ ଦିବସ

ତା. ୯.୧୧.୨୩ ରିଖ ଗୁରୁବାର ଶ୍ରୀମନ୍ଦିରରେ ରମା ଏକାଦଶୀ

ତା. ୧୩.୧୧.୨୩ ରିଖ ସୋମବାର ଶ୍ରୀମନ୍ଦିରରେ ଦୀପାବଳି ଅମାବାସ୍ୟା

ତା. ୨୧.୧୧.୨୩ ରିଖ ମଙ୍ଗଳବାର ଶ୍ରୀମନ୍ଦିରରେ ଅଁଳା ନବମୀ

ତା. ୨୩.୧୧.୨୩ ରିଖ ଗୁରୁବାର ଶ୍ରୀମନ୍ଦିରରେ ହରି ଉତ୍ଥାପନ ଏକାଦଶୀ ଓ ଲକ୍ଷ୍ମୀନାରାୟଣ ବେଶ

ତା. ୨୪.୧୧.୨୩ ରିଖ ଶୁକ୍ରବାର ଶ୍ରୀମନ୍ଦିରରେ ବାବନ ବା ବାଙ୍କଚୂଡ଼ ବେଶ ଓ ଗରୁଡ଼ ଉତ୍ଥାପନ

ତା. ୨୫.୧୧.୨୩ ରିଖ ଶନିବାର ଶ୍ରୀମନ୍ଦିରରେ ଡାଳିକିଆ ବା ତ୍ରିବିକ୍ରମ ବେଶ

ତା. ୨୬.୧୧.୨୩ ରିଖ ରବିବାର ଶ୍ରୀମନ୍ଦିରରେ ଲକ୍ଷ୍ମୀନୃସିଂହ ବେଶ

ତା. ୨୭.୧୧.୨୩ ରିଖ ସୋମବାର ଶ୍ରୀମନ୍ଦିରରେ କାର୍ତ୍ତିକ ପୂର୍ଣ୍ଣିମା, ଶ୍ରୀଜୀଉମାନଙ୍କ ରାଜାଧିରାଜ ବେଶ

ବି.ଦ୍ର.: ପ୍ରକାଶିତ ପ୍ରବନ୍ଧଗୁଡ଼ିକରେ ଉପସ୍ଥାପିତ ମତାମତ ସମୂହ ସଂପୃକ୍ତ ଲେଖକମାନଙ୍କର ନିଜସ୍ୱ ଓ ସେଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ଦାୟୀ ନୁହଁନ୍ତି ।

**Printed & Published by Shree Jagannatha Temple Administration, Puri, Ph. : 06752-222002, Fax - 252100**

**E-mail : jagannath.or@nic.in * Web Site : www.shreejagannatha.in Printed at : Rama Press, Near Amala Club, Puri**

@Shree Jagannatha Temple, Puri @jagannathadhaam @JagannathaDhaam @SJTA_Puri ମୂଲ୍ୟ : ଦୁଇଟଙ୍କା ମାତ୍ର